୨୮ ଜାନୁଆରୀ - ୩ ଫେବୃଆରୀ ୨୦୨୪

ରବିବାର

# ସିନ୍ଧୁରା

ସକାଳ
THE SAKALA

- ଓଡ଼ିଶାରେ ମହିମାଧର୍ମ
- ମହିମାଧର୍ମର ମୌଳିକତା
- ମହିମାସ୍ୱାମୀଙ୍କ ଶୂନ୍ୟଲୀଳା
- ଶୂନ୍ୟବାଦର ପ୍ରତୀକ ମହିମାଧର୍ମ
- ଖଲିଆପାଲି ମହିମା ଆଶ୍ରମ
- ଅଲେଖ ମହିମା ଉପାସନା




# ଶୂନ୍ୟ ସାଧନା



ଭାରତୀୟ ଧର୍ମଧାରାରେ ମହିମାଧର୍ମର ଦର୍ଶନ, ମତବାଦ ଓ ବିଚାରଧାରା ସ୍ୱତନ୍ତ୍ର । ଓଡ଼ିଶାର ନିଜସ୍ୱ ଧର୍ମ ହେଉଛି ମହିମାଧର୍ମ । ହିନ୍ଦୁ ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ବ୍ରାହ୍ମଣବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଜନ୍ମ ନେଇଥିଲା ମହିମାଧର୍ମ । ମହିମା ଧର୍ମାବଲମ୍ବୀଙ୍କ ମତରେ ବିଶ୍ୱ ସ୍ରଷ୍ଟା ହେଉଛନ୍ତି ଅଲେଖ ପୁରୁଷ ବା ଶୂନ୍ୟ ପୁରୁଷ । ଏହି ଧର୍ମର ମୂଳ ଆଧାର ହେଉଛି ନିରାକାରବାଦ ବା ଶୂନ୍ୟ ପୁରୁଷଙ୍କୁ ଆରାଧନା । ତେଣୁ ମହିମାଧର୍ମାବଲମ୍ବୀମାନେ ମୂର୍ତ୍ତି ପୂଜା କରିବା ବଦଳରେ ଶୂନ୍ୟ ପୁରୁଷଙ୍କୁ ଆରାଧନା କରନ୍ତି । ଏକେଶ୍ୱରବାଦ ହେଉଛି ମହିମାଧର୍ମର ମୂଳତତ୍ତ୍ୱ ।

ମହିମାଧର୍ମର ପ୍ରବର୍ତ୍ତକ ହେଉଛନ୍ତି ମହିମା ଗୋସେଇଁ । ମହିମା ପ୍ରଭୁ, ମହିମାସ୍ୱାମୀ ଆଦି ନାମରେ ସେ ପରିଚିତ । ମହିମାଧର୍ମର ପ୍ରଚାରପ୍ରସାରରେ ତାଙ୍କର ତ୍ୟାଗ ଓ ନିଷ୍ଠା ଏକାନ୍ତ ସ୍ମରଣୀୟ । ମହିମାଧର୍ମର ଦର୍ଶନ ଓ ବିଚାରଧାରା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାରେ ସେ ନେଇଥିଲେ ପ୍ରମୁଖ ଭୂମିକା । ଏହି ଧର୍ମର ନୀତିନିୟମ ଓ ବିଧି ଅତ୍ୟନ୍ତ ସରଳ ଓ ବୋଧଗମ୍ୟ । ତେବେ ମହିମାଧର୍ମର ସାଧୁ ଓ ଗୃହସ୍ଥ ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ନୀତିନିୟମ ରହିଛି । ଏହି ଧର୍ମରେ କୌଣସି ଜାତିପ୍ରଥା, ଉଚ୍ଚନୀଚ ଭାବ ନାହିଁ । ମଣିଷ ମାତ୍ରକେ ସମସ୍ତେ ସମାନ ।



ସନ୍ଥ କବି ଭୀମଭୋଇ ହେଉଛନ୍ତି ମହିମାଧର୍ମର ମୁଖ୍ୟ ପ୍ରଚାରକ । ଭୀମଭୋଇଙ୍କ କାବ୍ୟ,କବିତା, ଭଜନାବଳୀରେ ମହିମାଧର୍ମର ଦର୍ଶନ ଓ ତତ୍ତ୍ୱ ଅତ୍ୟନ୍ତ ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇ ଉଠିଛି । ପରବର୍ତ୍ତୀ ସମୟରେ ଓଡ଼ିଶାର ଆଉ କେତେକ ସାହିତ୍ୟ ସ୍ରଷ୍ଟାଙ୍କ ଲେଖନୀରେ ମହିମାଧର୍ମର ମାହାତ୍ମ୍ୟ ପ୍ରତିଫଳିତ ହୋଇ ଉଠିଛି । ସମାଜର ପ୍ରତ୍ୟେକ ମଣିଷ ହେଉଛନ୍ତି ପରଂବ୍ରହ୍ମଙ୍କ ସନ୍ତାନ । ଏହା ହିଁ ବିଶ୍ୱାସ କରେ ମହିମା ଧର୍ମ । ନିରାଡ଼ମ୍ବର ଜୀବନ ଶୈଳୀ, ଶ୍ରେଣୀ ବିହୀନ ସମାଜ ଗଠନ ଏହି ଧର୍ମର ଅନ୍ୟତମ ଉଦ୍ଦେଶ୍ୟ । ଓଡ଼ିଶା ଭୂଇଁରେ ଜନ୍ମଲାଭ କରିଥିବା ଏହି ଧର୍ମ ପରବର୍ତ୍ତୀ ସମୟରେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାର, ଆସାମ ଆଦିକୁ ପରିବ୍ୟାପ୍ତ ହୋଇଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମହିମା ଟୁଙ୍ଗି ବା ମହିମା ଆଶ୍ରମ ରହିଛି । ଯେଉଁଠି ପ୍ରତିଦିନ ମହିମା ସାଧୁଙ୍କ ଭଜନକୀର୍ତ୍ତନରେ ପରିବେଶ ମୁଖରିତ ହୋଇଉଠିଥାଏ । ମହିମାଧର୍ମର ଇତିହାସ, ପ୍ରଚାରପ୍ରସାର, ମହିମା ଗୋସେଇଁ, ମହିମା ସାଧୁ, ବିଭିନ୍ନ ସ୍ଥାନରେ ଅବସ୍ଥିତ ମହିମା ପୀଠ ଆଦି ସଂପର୍କରେ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଶୂନ୍ୟ ସାଧନା**

ପ୍ରସ୍ତୁତି 'ସକାଳ' ବ୍ୟୁରୋ

## କେମିତି କଟିବ ସପ୍ତାହ

**ମେଷ**
ରବିବାରରେ ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ସୋମ, ମଙ୍ଗଳ, ବୁଧବାରରେ ମହିଳାମାନଙ୍କ ମନରେ ଦୁଶ୍ଚିନ୍ତା ଓ ଅସ୍ଥିରତା ପ୍ରକାଶ ପାଇବ । ଗୁରୁ,ଶୁକ୍ରବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୂରଣ କରି ଅନିଶ୍ଚିତତାରେ ରହିବେ । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ଶନିବାରରେ ପଦୋନ୍ନତିର ଯୋଗ ରହିଛି ।

**ବୃଷ**
ରବିବାରରେ କୌଣସି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ କରିପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ମନରେ ବ୍ୟାକୁଳତା ଅନୁଭବ ହେବ । ପରିବାରରେ ସୁଖଶାନ୍ତିର ପରିବେଶ ରହିବ । ଗୁରୁ, ଶୁକ୍ରବାରରେ ଚିନ୍ତାରେ ବୃଦ୍ଧି ରହିବେ । ଶନିବାରରେ ଛାତ୍ରଛାତ୍ରୀମାନେ ସଫଳତା ପାଇବେ ।

**ମିଥୁନ**
ରବିବାରରେ ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ସାଙ୍ଗସାଥୀଙ୍କ ସହ ନୂତନ ଯୋଜନା ପ୍ରସ୍ତୁତ କରିବେ । ସୋମ, ମଙ୍ଗଳ, ବୁଧବାରରେ ବିଭିନ୍ନ କ୍ଷେତ୍ରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଗୁରୁ,ଶୁକ୍ରବାରରେ ଜମିଜମା କଥାକୁ ନେଇ ବିବାଦ ଉପୁଜିପାରେ । ଶନିବାରରେ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରନ୍ତି ।

**କର୍କଟ**
ରବିବାରରେ ବିଭିନ୍ନ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ । ସୋମ, ମଙ୍ଗଳ, ବୁଧବାରରେ କ୍ୟାରିୟର ପାଇଁ ଚିନ୍ତିତ ରହିବେ । ଭ୍ରମଣଯୋଗ ରହିଛି । ଗୁରୁ, ଶୁକ୍ରବାରରେ ବ୍ୟବସାୟ ପ୍ରସାରିତ ହେବ । ଶନିବାରରେ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇବାକୁ ଲାଗିବ ।

**ସିଂହ**
ରବିବାରରେ ସମାଜରେ ପ୍ରତିଷ୍ଠିତ ହେବେ । ଭାଇଭଉଣୀଙ୍କ ସହଯୋଗ ପାଇବେ । ସୋମ, ମଙ୍ଗଳ, ବୁଧବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ । ଗୁରୁ, ଶୁକ୍ରବାରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଶନିବାର କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ ।

**କନ୍ୟା**
ରବିବାରରେ ଅଫିସ୍ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ସୋମ, ମଙ୍ଗଳ,ବୁଧବାରରେ କୌଣସି ବିହାହ ପ୍ରସ୍ତାବ ଆସିପାରେ । ସଫଳତା ପାଇବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବେ । ଗୁରୁ,ଶୁକ୍ରବାରରେ ମନରେ ପ୍ରସନ୍ନତାଭାବ ପ୍ରକାଶ ପାଇବ । ଶନିବାରରେ ବ୍ୟବସାୟରେ ଉତ୍ତମ ଲାଭହେବ ।

**ତୁଳା**
ରବିବାରରେ ମନରୁ ଖରାପ ଭାବନା ଅପସରି ଯିବ । ସୋମ, ମଙ୍ଗଳ, ବୁଧବାରରେ ଆୟ ଅପେକ୍ଷା ବ୍ୟୟ କମ୍ ରହିବ । ଗୁରୁ, ଶୁକ୍ରବାରରେ ନିଜର ପ୍ରିୟବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖାଦେବ । ଶନିବାରରେ ମହିଳାମାନେ ସହକର୍ମୀଙ୍କଠାରୁ ସହଯୋଗ ପାଇବେ ।

**ବିଛା**
ରବିବାରରେ ମଉଜ ମଜଲିସ୍‌ରେ ଅଧିକ ଆଗ୍ରହ ରହିବ । ସୋମ, ମଙ୍ଗଳ, ବୁଧବାରରେ କର୍ମରେ ଏକାଗ୍ରତା ଓ ଆନ୍ତରିକତା ଅଧିକ ରହିବ । ଗୁରୁ,ଶୁକ୍ରବାରରେ ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । ଶନିବାରରେ ଭାଇଭଉଣୀଙ୍କ ସହଯୋଗ ପାଇବେ ।

**ଧନୁ**
ରବିବାରରେ କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ପାଇବେ । ସୋମ, ମଙ୍ଗଳ, ବୁଧବାରରେ ସମାଜରେ ମାନସମ୍ମାନର ଅଧିକାରୀ ହେବେ । ଗୁରୁ,ଶୁକ୍ରବାରରେ ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ଦେଖାଦେବ । ଶନିବାରରେ ଅନ୍ୟକୁ ଦେଇଥିବା ଧନ ଫେରି ପାଇବେ । ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

**ମକର**
ରବିବାରରେ ପୈତୃକ ସମ୍ପତ୍ତି ହାସଲ କରିବାରେ ଆସୁଥିବା ବାଧା ଦୂର ହେବ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ପୂର୍ଣ୍ଣ ଆଗ୍ରହ ସହ କାର୍ଯ୍ୟ କରିବେ । ଗୁରୁ, ଶୁକ୍ରବାରରେ ଦାମ୍ପତ୍ୟ ଜୀବନରେ ଭୁଲ୍ ବୁଝାମଣା ଦେଖାଦେଇପାରେ । ଶନିବାରରେ ବ୍ୟବସାୟୀମାନଙ୍କୁ ଆଶାଠାରୁ ଅଧିକ ଲାଭ ମିଳିପାରେ ।

**କୁମ୍ଭ**
ରବିବାରରେ ମନ ବିଚଳିତ ହୋଇପାରେ । ଅତ୍ୟଧିକ କ୍ରୋଧରୁ ଦୂରେଇ ରୁହନ୍ତୁ । ସୋମ, ମଙ୍ଗଳ,ବୁଧବାରରେ କର୍ମକ୍ଷେତ୍ରରେ ପରିବର୍ତ୍ତନ ସହିତ ପ୍ରଗତିର ସମ୍ଭାବନା ରହିଛି । ଗୁରୁ,ଶୁକ୍ରବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ । ଶନିବାରରେ ସମସ୍ୟା ଦୂର ହେବ । ଦୂରଯାତ୍ରା ଯୋଗ ରହିଛି ।

**ମୀନ**
ରବିବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ପାଇବେ । ସୋମ, ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇପାରନ୍ତି । ଗୁରୁ,ଶୁକ୍ରବାରରେ ମହିଳାମାନେ ପାରିବାରିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଶନିବାରରେ ଧନରେ ବୃଦ୍ଧି ଘଟିବ । ଜୀବନରେ ନୂତନ ମୋଡ଼ ସୃଷ୍ଟି ହୋଇପାରେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ଓଡ଼ିଶାରେ ମହିମାଧର୍ମ



ଡକ୍ଟର ଉଦ୍ଧବ ଚରଣ ନାୟକ

ଜଗନ୍ନାଥ ସଂସ୍କୃତି ପରି ମହିମାଧର୍ମ ଓଡ଼ିଶାର ନିଜସ୍ୱ ଧର୍ମ ଓ ସଂସ୍କୃତି ଭାବରେ ପରିଚିତ । ମହିମାଧର୍ମ ଅଲେଖ ଧର୍ମ ବା କୁମ୍ଭୀପଟିଆ ଧର୍ମ ଭାବରେ ଆମ ରାଜ୍ୟରେ ପରିଚିତ । ଏଯାବତ୍ ଯେଉଁ ସବୁ ଏକେଶ୍ୱର ମତବାଦ ପ୍ରଚାର ଓ ପ୍ରସାର ଲାଭ କରିଛି ତନ୍ମଧ୍ୟରୁ ଆମ ଓଡ଼ିଶାର ମହିମାଧର୍ମ ଅନ୍ୟତମ । ଏହି ଧର୍ମ ବିଶ୍ୱର ସର୍ବକନିଷ୍ଠ ଧର୍ମ ଭାବରେ ବିବେଚିତ । ମହିମାଧର୍ମ ଏକ ସ୍ୱତନ୍ତ୍ର ଧର୍ମ ନୁହେଁ । ଏହା ହିନ୍ଦୁ ଧର୍ମରେ ସଂସ୍କାର ଆୟୋଜନକାରୀ ଏକ ନୂତନ ମତବାଦ ବା ହିନ୍ଦୁ ଧର୍ମର ଏକ ନବସଂସ୍କରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ହିନ୍ଦୁ ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବଦେବୀଙ୍କ ଆରାଧନା, କଳ୍ପନା, ଉପାସନା, ବ୍ରାହ୍ମଣୀ ଧର୍ମର ପ୍ରଭାବ ତଥା ବାହ୍ୟ ଆଡ଼ମ୍ବରକୁ ପ୍ରତ୍ୟାଖ୍ୟାନ ପୂର୍ବ ଏକ ଶୂନ୍ୟବ୍ରହ୍ମଙ୍କଠାରେ ଶରଣ ପଶିବା ବା ଆତ୍ମସମର୍ପଣ କରିବା ହେଉଛି ଏହି ଧର୍ମର ମୂଳତତ୍ତ୍ୱ ।



## ମହିମାଧର୍ମର ତାତ୍ପର୍ଯ୍ୟ

ମହିମାଧର୍ମ ମତରେ ବିଶ୍ୱ ନିୟନ୍ତା ବା ବିଶ୍ୱସ୍ରଷ୍ଟା ହେଉଛନ୍ତି ଶୂନ୍ୟ ପୁରୁଷ ବା ଅଲେଖ ପୁରୁଷ । ସେ ସର୍ବବ୍ୟାପୀ, ତାଙ୍କର ଆକାର ନାହିଁ, ସେ ଅଣାକାର ବା ନିରାକାର । ତାଙ୍କ ଆଜ୍ଞାରେ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି । ତାଙ୍କ ମହିମାରେ ଚନ୍ଦ୍ର, ସୂର୍ଯ୍ୟାଦି ଗ୍ରହନକ୍ଷତ୍ର ଆତଯାତ । ତାଙ୍କ ମହିମା ଲେଖିବାର ସମ୍ଭବ ନୁହେଁ, ତେଣୁ ସେ 'ଅଲେଖ' । ଅବଶ୍ୟ ଏହି ପ୍ରକାର ମତବାଦ ସଂପର୍କରେ ଶୂନ୍ୟବାଦୀ ଅଚ୍ୟୁତାନନ୍ଦ ଦାସ, ନିର୍ଗୁଣବାଦୀ ଚୈତନ୍ୟ ଦାସ, ବ୍ରହ୍ମବାଦୀ ଚନ୍ଦ୍ରମଣି ଦାସ, ନିରାକାରବାଦୀ ଅରକ୍ଷିତ ଦାସ, ସମନ୍ୱୟବାଦୀ ସାଧୁ ସୁନ୍ଦର ଦାସ, ଏକବ୍ରହ୍ମବାଦୀ ଆର୍ତ୍ତ ଦାସ ଓ ହାଡ଼ି ଦାସ ପ୍ରମୁଖ ମହାପୁରୁଷଗଣ ସ୍ୱରଚନାରାଜିରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ ହେଁ, ଶୂନ୍ୟ ବା ଅଲେଖବାଦକୁ ଅଗ୍ରାଧିକାର ପୂର୍ବକ ନୂତନ ଧର୍ମ ମାର୍ଗ ପ୍ରବର୍ତ୍ତନ କରିବା ନିମନ୍ତେ ସମର୍ଥ ହୋଇ ନଥିବା ପରି ମନେ ହୁଏ । ଯାହା ହେଉନା କାହିଁକି, ଏହି ମହାପୁରୁଷମାନଙ୍କୁ ଏକେଶ୍ୱରବାଦ ମହିମାଧର୍ମର ଭିତ୍ତି ପ୍ରସ୍ତରଦାତା ବୋଲି ଆଖ୍ୟାୟିତ କରିବାରେ କୌଣସି ଅସୁବିଧା ନାହିଁ ।



## ମହିମାଧର୍ମର ପ୍ରବର୍ତ୍ତକ ଓ ପ୍ରଚାରକ

ପ୍ରାୟ ଦେଢ଼ ଶହରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ଅଲେଖ ବା ନିରାକାର ତତ୍ତ୍ୱକୁ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରି ମହିମାଧର୍ମ ଆତ୍ମପ୍ରକାଶ କରିଥିଲା ଆମର ପୁଣ୍ୟ ଉତ୍କଳ ଭୂଖଣ୍ଡରେ । ଏହି ଧର୍ମର ପ୍ରବର୍ତ୍ତକ ହେଉଛନ୍ତି ସ୍ୱୟଂ ମହିମା ଗୋସେଇଁ । ସେ ଯୋଗେଶ୍ୱର ମହିମା ପ୍ରଭୁ, ମହିମାସ୍ୱାମୀ ବା ପ୍ରବୁଦ୍ଧ ଗୁରୁ ମହିମାସ୍ୱାମୀ ଭାବରେ ଖ୍ୟାତ । ତାଙ୍କ ପ୍ରବର୍ତ୍ତିତ ଏହି ନୂତନ ଧର୍ମ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାର, ଉତ୍ତର ପ୍ରଦେଶ, ଆସାମ, ନାଗାଲାଣ୍ଡ ଆଦି ପ୍ରଦେଶରେ ଯଥେଷ୍ଟ ପ୍ରଭାବ ପକାଇଥିଲା । ମହିମା ଧର୍ମ ପ୍ରଚାର ନିମନ୍ତେ ତାଙ୍କ ଆଦେଶରେ ପ୍ରବୀଣ ସାହିତ୍ୟିକ ମହାତ୍ମା ଭୀମଭୋଇ ଅଲେଖ, ଶୂନ୍ୟ, ନିରାକାର ତତ୍ତ୍ୱ ସମ୍ବଳିତ ବହୁ ପୁସ୍ତକ ରଚନା କରି ଯାଇଛନ୍ତି । ଏହି ଧର୍ମର ମୁଖ୍ୟ ପ୍ରଚାରକ ହେଉଛନ୍ତି ମହାତ୍ମା ଭୀମଭୋଇ । ଏହି ଗ୍ରନ୍ଥ ସମୂହ ମହିମା ଧର୍ମର ସଂପୂର୍ଣ୍ଣ ଦର୍ଶନ, ଲକ୍ଷ୍ୟ, ଆଦର୍ଶ ଓ ଉପାସନା ଆଦି ସରଳ ତଥା ପ୍ରାଞ୍ଜଳ ଭାବରେ ଲିଖିତ ହୋଇଛି । ମହିମାଧର୍ମର ନୀତିନିୟମ ଓ ଆଚରଣ ବିଧି ଅତ୍ୟନ୍ତ ସରଳ ତଥା ବୋଧଗମ୍ୟ । ସାଧୁ ସନ୍ନ୍ୟାସୀ ଓ ଗୃହସ୍ଥ ଭକ୍ତମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବିଧିବିଧାନ ଉଦ୍ଦିଷ୍ଟ । ମହିମାଧର୍ମ ସମାଜରେ ପ୍ରଚଳିତ ଉଚ୍ଚନୀଚ ଭେଦରେ ବିଶ୍ୱାସ କରେ ନାହିଁ । ସମସ୍ତେ ପରଂବ୍ରହ୍ମଙ୍କ ସନ୍ତାନ ବୋଲି ଏହି ଧର୍ମ ବିଶ୍ୱାସ କରେ । ଶ୍ରେଣୀହୀନ ସମାଜ ଗଠନରେ ଏହି ଧର୍ମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହିମାଧର୍ମ ମୁକ୍ତ କଣ୍ଠରେ କହେ -

ଜାତି ଖୋଜିଲେ ମୁକ୍ତି ନାହିଁ
ମୁକ୍ତି ଖୋଜିଲେ ଜାତି ନାହିଁ ।
ଏକ ଶୂନ୍ୟ ବ୍ରହ୍ମଙ୍କଠାରେ ଶରଣପଶ ॥

# ମହିମା ଗୋସେଇଁ





୧୮୨୬ ମସିହାରେ ସର୍ବପ୍ରଥମେ ମହିମା ଗୋସେଇଁ ସର୍ବାଙ୍ଗରେ ପାଉଁଶ ବୋଳି ହୋଇ ଜଣେ ଆଚାରୀ ବୈଷ୍ଣବ ଭାବରେ ପୁରୀ ବଡ଼ଦାଣ୍ଡରେ ଆସି ଉପଗତ ହୋଇଥିଲେ । ଫଳରେ ତାଙ୍କୁ ଲୋକେ ଧୂଳିଆ ଗୋସେଇଁ ଭାବରେ ସମ୍ବୋଧନ କରିବାରେ ଲାଗିଲେ । ପୁରୀଠାରେ କିଛି କାଳ ଅବସ୍ଥାନ କରି ସେ କୋଣାର୍କ, ଖୋର୍ଦ୍ଧାର ଧଉଳିଗିରି ଓ ଖଣ୍ଡଗିରିଠାରେ କିଛି କାଳ ଅବସ୍ଥାନ କରୁଥିଲେ । ଶେଷରେ ଖଣ୍ଡଗିରି ପାହାଡ଼ରେ ୧୮୩୮ ମସିହା ଯାଏ ଅବସ୍ଥାନ କରି ଯୋଗଧ୍ୟାନରତ ଥିଲେ । ଏହି ସମୟରେ ବରମୁଣ୍ଡା ଗ୍ରାମର ଜନୈକ ଧର୍ମପ୍ରାଣ ବ୍ୟକ୍ତି, ଯାହାଙ୍କର ନାମ କି ଭାଗ୍ୟଧର ଦଳେଇ, ସେ ମହିମା ଗୋସେଇଁଙ୍କୁ ପ୍ରତ୍ୟହ ଶୁଦ୍ଧ ଜଳ ସେବନ ପାଇଁ ପ୍ରଦାନ କରୁଥିଲେ । ଫଳରେ 'ନୀରହାରୀ' ଗୋସେଇଁ ଭାବରେ ସେ ଅଭିହିତ ହୋଇଥିଲେ । ୧୮୩୮ ମସିହାରେ ସରକାରୀ କାର୍ଯ୍ୟ ସଂପାଦନ ନିମନ୍ତେ କେତେକ ସରକାରୀ କର୍ମଚାରୀ ସେଠାରେ ଉପଗତ ହେବାରୁ ନୀରବତା ଭଗ୍ନ ଫଳରେ ଖଣ୍ଡଗିରି ତ୍ୟାଗ କରିବା ପାଇଁ ମହିମା ଗୋସେଇଁ ବାଧ ହୋଇଥିଲେ । ହଠାତ୍ ଦିନେ ରାତ୍ରର୍ଦ୍ଧ ସମୟରେ ସେ ଖଣ୍ଡଗିରି ତ୍ୟାଗ କରି କଟକ ନଗରୀ ଅଭିମୁଖେ ଯାତ୍ରା କଲେ । ସେଠାରେ ସେ ମାତ୍ର କିଛିଦିନ ରହି ଢେଙ୍କାନାଳର ସୁରମ୍ୟ ଗିରି କପିଳାସକୁ ଚାଲି ଯାଇ ପାହାଡ଼ର ଶୀର୍ଷଦେଶରେ ଆତ୍ମଯୋଗ ସମାଧିରେ ଉପବିଷ୍ଟ ହେଲେ । ଏହି ସମୟରେ ଜନୈକ ଆଦିବାସୀ ବ୍ୟକ୍ତି 'ସଦାନନ୍ଦ' ଗୋସେଇଁଙ୍କର ସାକ୍ଷାତ ଲାଭ କରି ତାଙ୍କରି ଆଦେଶରେ ୧୨ ବର୍ଷ ଯାଏ ଫଳମୂଳ ଯୋଗାଇଥିଲେ, ତାଙ୍କର ଆହାର ପାଇଁ । ଏହି ସମୟରେ ମହିମା ଗୋସେଇଁ 'ଫଳହାରୀ' ଗୋସେଇଁ ଭାବରେ ଅଭିହିତ ହୋଇଥିଲେ । ତତ୍କାଳୀନ ଢେଙ୍କାନାଳ ରାଜା ଭଗୀରଥ ମହୀନ୍ଦ୍ର ବାହାଦୁରଙ୍କର ରାଣୀ ହୀରାପ୍ରଭା ଦେବୀ ମହିମା ଗୋସେଇଁଙ୍କୁ ସ୍ୱପ୍ନରେ ଦର୍ଶନ କରି ତାଙ୍କୁ ପରଦିନ ସାକ୍ଷାତ ଦର୍ଶନ କରିଥିଲେ । ମହିମା ଗୋସେଇଁ ତାଙ୍କୁ ପ୍ରତ୍ୟହ ମୃତ୍ତିକା ଭାଣ୍ଡରେ ଗୋଦୁଗ୍ଧ ପ୍ରଦାନ କରିବା ପାଇଁ ଆଦେଶ ଦେଇଥିଲେ । ଫଳରେ ରାଜା ଭଗୀରଥ ମହିମା ଗୋସେଇଁଙ୍କୁ ବାର ବର୍ଷ ଯାଏ କ୍ଷୀର ଯୋଗାଇ ଥିବାରୁ ସେ 'କ୍ଷୀରହାରୀ' ଗୋସେଇଁ ନାମରେ ପରିଚିତ ଥିଲେ । ଏହି ସମୟରେ ତାଙ୍କର ଜଣେ ଶିଷ୍ୟ ଜଗନ୍ନାଥ ଦାସ ମହିମା ଗୋସେଇଁଙ୍କୁ ସାକ୍ଷାତ କରି ବଲ୍‌କଲ ପରିଧାନ ପୂର୍ବକ ସନ୍ନ୍ୟାସୀ ହୋଇଥିଲେ । ମହିମା ଗୋସେଇଁ ତାଙ୍କୁ ଗୋବିନ୍ଦ ଦାସ ଭାବରେ ନାମିତ କରି ବୌଦ୍ଧ ଅଞ୍ଚଳରେ ଧର୍ମ ପ୍ରଚାର ନିମନ୍ତେ ପଠାଇ ଦେଇଥିବା ଜଣାଯାଏ ।

୧୮୬୨ ମସିହାରେ କପିଳାସଠାରେ ସିଦ୍ଧି ଲାଭ କରି ମହିମାଧର୍ମର ପ୍ରଚାରରେ ବ୍ରତୀ ହୋଇ କଟକଠାରୁ ସମ୍ବଲପୁର ଯାଏ ପଦବ୍ରଜରେ ଭ୍ରମଣ କରିଥିବାର ଜଣାଯାଏ । ଏହି ସମୟରେ ମହିମା ଗୋସେଇଁ ଖୋର୍ଦ୍ଧାର ଦାରୁଠେଙ୍ଗଠାରେ ଏକ ଆଶ୍ରମ ପ୍ରଥମେ ପ୍ରତିଷ୍ଠା କରି ଅବସ୍ଥାନ ପୂର୍ବକ ବିଭିନ୍ନ ଅଞ୍ଚଳ ଭ୍ରମଣ କରୁଥିଲେ । ବଉଦ ବଲାସିଙ୍ଗାଠାରୁ ତାଙ୍କର ପ୍ରଥମ ସନ୍ନ୍ୟାସୀ ଗୋବିନ୍ଦ ବାବାଙ୍କୁ ଡକାଇ ଏଠାରେ ମହିମାଧର୍ମ ପ୍ରଚାରପ୍ରସାର ନିମନ୍ତେ କାର୍ଯ୍ୟକ୍ରମ ଗ୍ରହଣ କଲେ । ମହିମାଙ୍କ ଆଦେଶରେ ଗୋବିନ୍ଦ ବାବା ବଉଦର ନରସିଂହ ଦାସ, କଟକ ଜିଲ୍ଲା ସାଇଲୋ ଅନ୍ତର୍ଗତ ବ୍ରାହ୍ମଣବସ୍ତିର ଭଗବାନ ଦାସ, ଅନ୍ଧାରୁଆର କୃଷ୍ଣ ଦାସ, ଭାଇଗ ଦାସ ଓ ଦାରୁଠେଙ୍ଗର ମାଧବ ଦାସ, କୃପାସିନ୍ଧୁ ଦାସ ଓ ଅଚ୍ୟୁତାନନ୍ଦ ଦାସଙ୍କୁ ବଲ୍‌କଲ ଦେଇ ସନ୍ନ୍ୟାସୀ ଶ୍ରେଣୀରେ ଅନ୍ତର୍ଭୁକ୍ତ କରି ସ୍ୱପ୍ରଚାରିତ ଧର୍ମକୁ ମହିମାଧର୍ମ ଓ ନିଜକୁ ମହିମା ଗୋସେଇଁ ବୋଲି ଆଖ୍ୟାୟିତ କଲେ । ପୂର୍ବରୁ ତାଙ୍କର ଅନ୍ୟନାମ ଥିଲା, ଏ ଏକଥା ତତ୍କାଳୀନ ସରକାରୀ ରେକର୍ଡ ପତ୍ରରୁ ଜଣାପଡ଼େ । ମହିମା ଗୋସେଇଁଙ୍କର ଏହି ସମୟରେ ଉତ୍କଳ ଗୌରବ ମଧୁବାବୁଙ୍କ ସହ ସାକ୍ଷାତ ଘଟିଥିବାର ଜଣାଯାଏ । ମଧୁ ବାବୁ ଏଣ୍ଟ୍ରାନ୍‌ସ ପରୀକ୍ଷା ଦେଇ ପଟିଆ ରାଜାଙ୍କ ଗୃହକୁ ପିତା ଓକିଲ ରଘୁନାଥ ଦାସଙ୍କ ସହ ଆସିଥିବା ବେଳେ ସେଦିନ ଫାଲ୍‌ଗୁନ୍ ପୂର୍ଣ୍ଣମୀ ତିଥିରେ ମହିମା ଗୋସେଇଁଙ୍କ ଭାଷଣ ଶୁଣି ପ୍ରୀତ ହୋଇଯାଇଥିଲେ ଓ ପରବର୍ତ୍ତୀ ସମୟରେ ସେ ମତବ୍ୟକ୍ତ କରିଥିଲେ କି, "ମହିମାଧର୍ମ ପ୍ରବର୍ତ୍ତକ ଯଦି ଓଡ଼ିଶାରେ ଜନ୍ମ ନହୋଇ ମହାରାଷ୍ଟ୍ର, ଗୁଜରାଟ, ପଞ୍ଜାବ କି ବଙ୍ଗଳାରେ ଜନ୍ମ ହୋଇଥାନ୍ତେ, ତାଙ୍କର ମହିମା ଆହୁରି ବୃଦ୍ଧି ପାଇଥାଆନ୍ତା । ଉଦାର ଜଗନ୍ନାଥ ଧର୍ମ ଓ ମହିମା ଧର୍ମ ଉତ୍କଳ ମାଟିରେ ଜନ୍ମଲାଭ କରିଥିବାରୁ ଏହା ଓଡ଼ିଶା ତଥା ପୃଥିବୀକୁ ବିରାଟ ଦାନ ବୋଲି କହୁଥିଲେ । ଏହି ଘଟଣା ୧୮୬୪ ମସିହାର ବୋଲି ଜଣାଯାଏ ।"

ଏହା ପୂର୍ବରୁ ସମ୍ଭବତଃ ୧୮୬୨ ମସିହାରେ ମହିମା ଗୋସେଇଁ ଭୀମଭୋଇଙ୍କୁ କାଙ୍କଣପଡ଼ା (ରେଢ଼ାଖୋଲ) ଜଙ୍ଗଲର କୂପରୁ ଉଦ୍ଧାର କରିବା ପରେ ତାଙ୍କ ବାସଭବନରେ ପହଞ୍ଚି ଦିବ୍ୟଜ୍ଞାନ ପ୍ରଦାନ ସମେତ କବିତ୍ୱ ପ୍ରଦାନ କରିବା ସହ ମହିମା ଧର୍ମ ସଂପର୍କରେ ପୁସ୍ତକ ରଚନା ନିମନ୍ତେ ଆଜ୍ଞାପ୍ରଦାନ କରିଥିବାର ଜଣାଯାଏ ।

## ମାଳବିହାରପୁରଠାରେ ଧୁନି ମନ୍ଦିର ନିର୍ମାଣ

ମହିମା ଗୋସେଇଁ ବାଙ୍କୀର ଅଂଶୁପା ହ୍ରଦ ନିକଟବର୍ତ୍ତୀ ମାଳ ବିହାରଠାପୁରରେ ୧୮୬୬ ମସିହାରେ ଧୁନି ଘର ନିର୍ମାଣ କରି ତାଙ୍କର ଦ୍ୱିତୀୟ ବକ୍କଳଧାରୀ ନୃସିଂହ ଦାସ ବାବାଙ୍କ ଦ୍ୱାରା ଓଡ଼ିଶାର ବିଭିନ୍ନ ସ୍ଥାନର ଧର୍ମପ୍ରାଣ ବ୍ୟକ୍ତିମାନଙ୍କୁ ସନ୍ନ୍ୟାସୀ ଧର୍ମରେ ଦୀକ୍ଷିତ କରି ବକ୍କଳ ପ୍ରଦାନ କରିଥିଲେ । କିଛିଦିନ ପରେ ନୃସିଂହ ଦାସ ବାବା ଅଲୌକିକ ଶକ୍ତି ପ୍ରଦର୍ଶନ କରିବାରୁ ମହିମା ଗୋସେଇଁ ତାଙ୍କୁ କୌପିନ ପରିଧାନ କରିବା ନିମନ୍ତେ ଆଜ୍ଞାପ୍ରଦାନ କରିଥିଲେ । ମାଳବିହାରପୁରଠାରେ ୮୪ ଜଣଙ୍କୁ ବଲ୍‌କଲ ବନା ପ୍ରଦାନ କରି ସନ୍ନ୍ୟାସୀ ଶ୍ରେଣୀ ସୃଷ୍ଟି କରିବା ସହ ସେମାନଙ୍କୁ ମଧ୍ୟରୁ ୬୪ ଜଣଙ୍କୁ ସିଦ୍ଧି ଆଖ୍ୟା ପ୍ରଦାନ କରିଥିଲେ । ମହିମା ଗୋସେଇଁଙ୍କ ଆଦେଶରେ ପୂର୍ବରୁ ସାତଜଣ ସନ୍ନ୍ୟାସୀ ଗୋବିନ୍ଦ ବାବା ବଲ୍‌କଲ କନା ପ୍ରଦାନ କରିଥିଲେ । ପରେ ମହିମା ଗୋସେଇଁଙ୍କ ଆଦେଶରେ ବଲ୍‌କଲ ପ୍ରଦାନ ବନ୍ଦ ରହିଥିଲା ।

ମହିମା ଗୋସେଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ମହିମା ଆଶ୍ରମ ବା ଟୁଙ୍ଗି ନିର୍ମାଣ କରି ମହିମାଧର୍ମର ପ୍ରଚାର ସହ ବାଲ୍ୟଲୀଳା ଓ ଅଖଣ୍ଡ ଯଜ୍ଞ ପ୍ରଚଳନ କରୁଥିଲେ । ମହିମା ଗୋସେଇଁଙ୍କ ଗହଣରେ ଯେଉଁ କେତେ ଜଣ ଭକ୍ତ ଭ୍ରମଣ କରି ଧର୍ମପ୍ରଚାରରେ ସହାୟତା ପ୍ରଦାନ କରୁଥିଲେ, ସେମାନଙ୍କ ମଧ୍ୟରୁ କେତେକ ମହିମା ସନ୍ନ୍ୟାସୀ ହେବା ପାଇଁ ଇଚ୍ଛା ପ୍ରକାଶ କରିବାରୁ, ମହିମା ସ୍ୱାମୀ ସେମାନଙ୍କୁ କହିଲେ " ବଲ୍‌କଲ କନା ବନ୍ଦ ହୋଇଛି, ଯେଉଁମାନେ ସନ୍ନ୍ୟାସୀ ହେବାକୁ ଇଚ୍ଛା କରୁଛ, ତେବେ କୌପିନ୍ ଧାରଣ କରି ସନ୍ନ୍ୟାସୀ ଭାବରେ କାଳାତିପାତ କର ।" ଫଳରେ ୧୮୭୪ ମସିହା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀରେ ଢେଙ୍କାନାଳର ଜକା ମହିମାଶ୍ରମଠାରେ ମହିମା ସ୍ୱାମୀଙ୍କ ଆଦେଶରେ ସିଦ୍ଧ ବଲ୍‌କଲ୍‌ଧାରୀ ବାଞ୍ଛାନିଧି ଦେଇଥିବା ୮୦ ଜଣଙ୍କୁ ଡୋରକୌପିନ ପ୍ରଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ୩୪ ଜଣଙ୍କୁ ସେ ସିଦ୍ଧ ଭାବରେ ଆଖ୍ୟାୟିତ କରିଥିଲେ ।







## ମହିମାସ୍ୱାମୀଙ୍କ ଦ୍ୱାରା ପ୍ରତିଷ୍ଠିତ ମହିମା ଟୁଙ୍ଗି



ମହିମାସ୍ୱାମୀଙ୍କ ଦ୍ୱାରା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମହିମା ଟୁଙ୍ଗି ପ୍ରତିଷ୍ଠା ହୋଇଥିଲା । ବାଙ୍କୀର ମାଳବିହାରପୁର, ଢେଙ୍କାନାଳର ବଉଳପୁର, ଯୋରନ୍ଦା, ଜଳା, ମଡ଼ି, (କାମାକ୍ଷାନଗର) ଖଡ୍‌ଗପ୍ରସାଦ, କୀର୍ତ୍ତନପୁର, ହିନ୍ଦୋଳର ରଞ୍ଜାଗୋଳ ଓ ଭାନୁପଡ଼ା, ଆଠଗଡ଼ର ଖୁଣ୍ଟୁଣୀ, ଖୋର୍ଦ୍ଧାର ଅନ୍ଧାରୁଆ, ଦାରୁଠେଙ୍ଗ, କଟକର ଡାଳିଯୋଡ଼ା ମଙ୍ଗରାଜପୁର, ସପନପୁର, ଆଗ୍ରାହାଟ ଓ ଅନୁଗୋଳର ଅଙ୍ଗାରବନ୍ଧ ଆଦି ପ୍ରଧାନ । ଏହିସବୁ ଆଶ୍ରମ ବା ଟୁଙ୍ଗିଗୁଡ଼ିକରେ ମହିମାସ୍ୱାମୀ ବିଭିନ୍ନ ତିଥିରେ ମହିମା ମେଳା ଅନୁଷ୍ଠିତ କରି ପ୍ରବଚନ ଦେଉଥିଲେ । ଯୋରନ୍ଦାଠାରେ ମହିମାସ୍ୱାମୀ ୧୮୭୬ ମସିହା ୨୧ ଅଙ୍କ ଫାଲଗୁନ ଶୁକ୍ଳପକ୍ଷ ଦଶମୀ ସୋମବାରରେ ମାନବୀୟ ଲୀଳା ସମ୍ବରଣ କରିଥିଲେ । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେ ଯୋରନ୍ଦାଠାରେ ଅନୁଷ୍ଠିତ କରୁଥିବା ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହିମାମେଳା ପ୍ରତ୍ୟେକ ବର୍ଷ ପାଳିତ ହୁଏ । ଏଠାରେ ତାଙ୍କର ସମାଧି ମନ୍ଦିର 'ମହିମାଗାଦି ମନ୍ଦିର' ଭାବରେ ଖ୍ୟାତ ଓ ଏହା ମହିମାଧର୍ମର ପ୍ରଧାନ ପୀଠ ଭାବରେ ପରିଚିତ । ମହିମାସ୍ୱାମୀଙ୍କୁ ତାଙ୍କର ଶିଷ୍ୟପ୍ରଶିଷ୍ୟମାନେ ଅଯୋନୀ ସମ୍ଭୂତ ବୋଲି କହନ୍ତି ।





## ମହିମାଧର୍ମର ପ୍ରଚାରକ ସନ୍ଥକବି ଭୀମ ଭୋଇ

ମହିମା ସ୍ୱାମୀଙ୍କର ଗୃହୀଭକ୍ତ ଶିଷ୍ୟ ମହାତ୍ମା ଭୀମ ଭୋଇଙ୍କର ୧୮୪୬ ମସିହାରେ ବର୍ତ୍ତମାନର ସୋନପୁର ଜିଲ୍ଲା ଜଟାସିଂଘା ଗ୍ରାମରେ ଆବିର୍ଭାବ ଘଟିଥିଲା ଏକ ତାଳବଣରେ। ସେହି ଗ୍ରାମର ନିଃସନ୍ତାନ କନ୍ଧ ଦମ୍ପତି ଦନାର ଭୋଇ ଓ ଗୁରୁବାରୀ ଭୋଇ ସଦ୍ୟଜାତ ସେହି ଶିଶୁଟିକୁ ଆଣି ନିଜ ପୁତ୍ର ଭାବରେ ପାଳନ କରିଥିଲେ। ତାଙ୍କ ପିତାମାତାଙ୍କର ସଠିକ ପରିଚୟ ଏଯାବତ୍ ମିଳିନାହିଁ। ସେ ଷୋହଳ ବର୍ଷ ବୟସରେ ୧୮୬୨ ମସିହାରେ ମହିମା ଗୋସେଇଁଙ୍କ ଆଦେଶରେ କବିତ୍ୱ କରିଥିଲେ। ସେ ନିରକ୍ଷର ଥିବାରୁ ତାଙ୍କ ରଚନାଗୁଡ଼ିକ ତାଳପତ୍ରପୋଥିରେ ଉତାରିବା ପାଇଁ ଦୁଇଜଣ ବ୍ରାହ୍ମଣ ପଣ୍ଡିତ ହରି ପଣ୍ଡା ଓ ବାସୁଦେବ ପଣ୍ଡା ଏବଂ ଧର୍ମାନନ୍ଦ ଦାସ ଓ ମାର୍କଣ୍ଡ ଦାସ ନାମକ ଦୁଇଜଣ ବୈଷ୍ଣବ ପଣ୍ଡିତ ନିୟୋଜିତ ହୋଇଥିଲେ। ଭୀମ ଭୋଇ ଜୀବନ କାଳରେ ୧୩୨ ଖଣ୍ଡ ପୁସ୍ତକ ଓ ହଜାର ହଜାର ଚଉତିଶା, ଜଣାଣ, ଭଜନ ଆଦି ରଚନା କରିଯାଇଛନ୍ତି। ସେଗୁଡ଼ିକ ମଧ୍ୟରେ 'ସ୍ତୁତି ଚିନ୍ତାମଣି', 'ନିର୍ବେଦ ସାଧନ', 'ବ୍ରାହ୍ମଣ ନିରୂପଣ ଗୀତା', 'ଶ୍ରୁତି ନିଷେଧ ଗୀତା', 'ଅଷ୍ଟକ ବିହାର ଗୀତା', 'ମନୁସଭା ମଣ୍ଡଳ', 'ମହିମା ବିନୋଦ' ଓ 'ଆଦିଅନ୍ତ ଗୀତା' ମହିମାଧର୍ମର ପୂଜ୍ୟଗ୍ରନ୍ଥ ଭାବରେ ବିବେଚିତ। ମହାତ୍ମା ଭୀମଭୋଇ ୧୮୯୫ ମସିହା ଶିବରାତ୍ରି ତିଥିରେ ସୋନପୁରର ଖଲିଆପାଲି ଆଶ୍ରମଠାରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଏଠାରେ ପ୍ରତିବର୍ଷ ମହିମା ମେଳା ଅନୁଷ୍ଠିତ ହୁଏ। ତାଙ୍କର ଅମରବାଣୀ- ମହିମା ଧର୍ମର ଶାଶ୍ୱତବାଣୀ-

**ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ**
**ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ॥**
**ଏହା ବିଶ୍ୱର ସର୍ବଶ୍ରେଷ୍ଠ ସନ୍ଥବାଣୀ ଭାବରେ ଗୃହୀତ ।**




## ଶେଷକଥା

ଊନବିଂଶ ଶତକରେ ବଙ୍ଗଳାର ରାଜା ରାମମୋହନ ରାୟଙ୍କ ପ୍ରତିଷ୍ଠିତ ବ୍ରହ୍ମ ସମାଜ ଓ ଗୁଜରାଟର ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ବୈଦିକ ଆର୍ଯ୍ୟ ସନାତନ ଧର୍ମ ପରି ଓଡ଼ିଶାର ମହିମାସ୍ୱାମୀ ମହିମାଧର୍ମ ସମାଜ ଗଠନ କରି ସମାଜରେ ସଂସ୍କାର ଆଣିବାକୁ ସକ୍ଷମ ହୋଇଥିଲେ। ସେହିପରି ବୌଦ୍ଧଧର୍ମରେ ନାଗାର୍ଜୁନ, ଖ୍ରୀଷ୍ଟଧର୍ମର ସେଣ୍ଟପଲ ଓ ବ୍ରାହ୍ମ ସମାଜର କେଶବ ଚନ୍ଦ୍ର ସେନଙ୍କ ପରି ମହିମାଧର୍ମରେ ସନ୍ଥକବି ଭୀମଭୋଇଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।



ସେହି ସମୟରେ ଓଡ଼ିଶାରେ ମହିମାସ୍ୱାମୀ ଓ ଭୀମଭୋଇଙ୍କ ଦ୍ୱାରା ମହିମାଧର୍ମର ପ୍ରଚାର ହେବା ଫଳରେ ଭାରତର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ସଂଖ୍ୟା ଖୁବ୍ କମ୍ ଥିବାର ଜଣାଯାଏ। ଏପରିକି ଓଡ଼ିଶାର ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ସେତେବେଳେ ଆଦୌ ଦୃଷ୍ଟିଗୋଚର ହୋଇ ନଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ କମ୍ ସଂଖ୍ୟକ ଖ୍ରୀଷ୍ଟଧର୍ମାବଲମ୍ବୀ ଦେଖାଯାଇଥିଲେ। ଏହା କେବଳ ସମ୍ଭବ ହୋଇଥିଲା, ଓଡ଼ିଶାରେ ମହିମାଧର୍ମ ପ୍ରଚାର ଯୋଗୁଁ। ମହିମାଧର୍ମ ହେଉଛି 'ଗଣଧର୍ମ' ବା ଲୋକମାନଙ୍କର ଧର୍ମ। ■





ମୋ: ୯୪୩୮୨୯୯୧୭୪

# ମହିମାଧର୍ମର ମୌଳିକତା



ଡ. ହିମାଦ୍ରୀ ତନୟା ମିଶ୍ର

**ମହିମାଧର୍ମର ପୂରା ନାମ 'ସତ୍ୟ ମହିମା ଅଲେଖ ଧର୍ମ' । 'ମହିମା' ଓଡ଼ିଆ ଶବ୍ଦ 'ମହିମ' ଶବ୍ଦରୁ ଆସିଅଛି । ଏହି ଧର୍ମ ଏକ ମୌଳିକ ବିଚାର ବହନ କରୁଥିବା ଏକ ସାଂସ୍କୃତିକ ସଂସ୍ଥା ସ୍ଥାପନ ଉପରେ ଅଧିକ ଗୁରୁତ୍ୱ ଦେଇ ଆସିଛି । ମହିମାଧର୍ମ ଓଡ଼ିଆ ମାଟିର ଏକାନ୍ତ ନିଜସ୍ୱ ଏକ ଅଦ୍ୱୈତ ସାମାଜିକ ଧର୍ମଧାରା । ଶାକ୍ତ, ଶୈବ, ବୈଷ୍ଣବ ପ୍ରଭୃତି ପ୍ରାଚୀନତମ ଧର୍ମ ସର୍ବଭାରତୀୟ ସ୍ତରରେ ବିକଶିତ ହୋଇ ଓଡ଼ିଶାରେ ପ୍ରସାର ଲାଭ କରିଥିଲା । ମାତ୍ର ମହିମାଧର୍ମ ମଧ୍ୟପ୍ରଦେଶ, ବିହାର, ଆସାମ ପ୍ରଭୃତି ରାଜ୍ୟକୁ ପରିବ୍ୟାପ୍ତ ହୋଇଥିଲା ।**



## ମହିମାଧର୍ମର ଅଭ୍ୟୁଦୟ

ମହିମାଧର୍ମର ସଂସ୍ଥାପକ ଓ ପ୍ରଚାରକ ହେଉଛନ୍ତି ମହିମାସ୍ୱାମୀ । ଊନବିଂଶ ଶତାବ୍ଦୀରେ ଧୂଳିଆବାବା ଓଡ଼ିଶାରେ ଦେଖାଦେଇଥିଲେ । ମହିମାଧର୍ମର ମୂଳ ଆଧାର 'ନିରାକାରବାଦ' ଅଥବା 'ଶୂନ୍ୟପୁରୁଷ' ଉପରେ ଆଧାରିତ । ଏହା ବ୍ରାହ୍ମଣ ପ୍ରାଧାନ୍ୟ ମୂର୍ତ୍ତି ପୂଜାର ଘୋର ବିରୋଧୀ । ଏଥିରେ ଓଡ଼ିଶାର ମୌଳିକ ଆରାଧନା ସୂର୍ଯ୍ୟ ପୂଜା 'ଅଲେଖ' ଭାବରେ ସାଙ୍କେତିକ ରୂପରେ ପୂଜିତ । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶା ଆଧ୍ୟାତ୍ମିକ ଅବକ୍ଷୟର ଗ୍ଳାନିରେ ପରାଭୂତ ଥିଲା । ଗୌଡ଼ୀୟ ବୈଷ୍ଣବମାନଙ୍କର ପ୍ରେମଧର୍ମର ପ୍ରଚାର ଫଳରେ ସମାଜର ଆଧ୍ୟାତ୍ମିକ ଦିଗଟି ପ୍ରଦୂଷିତ ହୋଇ ସୁସ୍ଥ ସାମାଜିକ ଜୀବନକୁ ଦୁର୍ବିସହ କରି ଦେଇଥିଲା । ଠିକ୍ ଏହା ପରେ ପରେ ହିନ୍ଦୁଧର୍ମ ସଂସ୍କାର ଉପରେ ଆରମ୍ଭ ହେଲା ଖ୍ରୀଷ୍ଟିୟାନ ମିଶନାରୀମାନଙ୍କର ତାଡ଼ନା । ହିନ୍ଦୁମାନଙ୍କୁ ଉଚ୍ଚପଦପଦବିର ଲୋଭ ଦେଖାଇ ବହୁ ହିନ୍ଦୁଙ୍କୁ ଖ୍ରୀଷ୍ଟଧର୍ମ ଗ୍ରହଣ ଉଦ୍ଦେଶ୍ୟରେ ପ୍ରବର୍ତ୍ତାଇ ଥିଲେ । ସେହି ସମୟରେ ବ୍ରାହ୍ମଣମାନଙ୍କ ଅତ୍ୟାଚାର ମଧ୍ୟ ବୋଝ ଉପରେ ନଳିତାବିଡ଼ା ସଦୃଶ ଲୋକମାନଙ୍କର ଜୀବନକୁ ଅସନ୍ତୁଳନ ଦିଗ ଆଡ଼କୁ ନେଇଯାଇଥିଲା । ରାଜା ଓ ଜମିଦାରମାନେ ବ୍ରାହ୍ମଣମାନଙ୍କୁ ଏପରି କାର୍ଯ୍ୟ ପାଇଁ ପ୍ରଶ୍ରୟ ଦେଉଥିଲେ । ଫଳରେ ଜାତିପ୍ରଥାର ନିମ୍ନମାନସିକତା ବହୁଗୁଣିତ ହୋଇ ସମାଜର ଏହି ବିକଳ ମୁହୂର୍ତ୍ତଗୁଡ଼ିକରେ ଅବହେଳିତ ଗୋଷ୍ଠୀମାନଙ୍କୁ ସମସ୍ତ ପ୍ରକାର ଆଧ୍ୟାତ୍ମିକ କର୍ମରୁ ନିବୃତ୍ତ କରି ଦେଇଥିଲା । ସବର୍ଣ୍ଣମାନଙ୍କ ଏହି ହୀନ ବିଚାରଧାରାକୁ ଉଚିତ୍ ମାର୍ଗରେ ଆଣିବା ପାଇଁ ଓ ସନାତନ ହିନ୍ଦୁଧର୍ମର ମୌଳିକତାକୁ ପ୍ରତିଷ୍ଠା ଦେବା ପାଇଁ ସତ୍ୟମାର୍ଗ ମହିମାଧର୍ମର ସୃଷ୍ଟି ହେଲା । ଏଥିରେ ବୌଦ୍ଧ ଧର୍ମ ଓ ଜୈନ ଧର୍ମର ବେଦ ବିରୋଧୀ ସ୍ୱର, ଯୁଗସ୍ରଷ୍ଟା ଲେଲିନ୍‌ଙ୍କର ସଂଗ୍ରାମୀ ସାହସ ଓ ସନାତନ ଆର୍ଯ୍ୟଧର୍ମର ସକଳ ଜୀବନକୁ ଭ୍ରାତୃ ବନ୍ଧନରେ ବାନ୍ଧି ଦେବାର ଅହେତୁକ ଆତ୍ମୀୟତା ସାମିଲ ଥିଲା । ଅନ୍ଧ ପରମ୍ପରାକୁ ବିରୋଧ କରିବାର ବିପ୍ଳବ ମହିମା ଧର୍ମର ମୁଖ୍ୟ ଉଦ୍ଦେଶ୍ୟ ଓ ଅନ୍ତଃସ୍ୱର ଗୁଞ୍ଜରିତ ହୋଇଥିଲା ସାରା ଓଡ଼ିଶାବାସୀଙ୍କ ପାଇଁ ।

## ମହିମାସ୍ୱାମୀଙ୍କ ମାହାତ୍ମ୍ୟ

ବିଶ୍ୱନାଥବାବାଙ୍କ ମତରେ 'ସତ୍ୟ ମହିମାଧର୍ମ' ସ୍ଥାପନାର୍ଥେ ଜଗତ୍‌ଗୁରୁ ପ୍ରବୁଦ୍ଧ ନାରାୟଣ ମହିମାସ୍ୱାମୀ ପ୍ରଥମେ ଦିଲ୍ଲୀଶ୍ୱରାବ୍ଦ ଖ୍ରୀଷ୍ଟୀୟ ୧୮୨୨ ରେ ପୁରୀ ବଡ଼ଦାଣ୍ଡରେ ଧୂଳିଆ ବାବା ଭାବରେ ପରିଚୟ ପାଇଥିଲେ । ମହିମାଧର୍ମର ଅନ୍ୟ ସାଧୁମାନେ ତଥା ବିଶ୍ୱନାଥ ବାବା ତାଙ୍କୁ ଅଯୋନିସମ୍ଭୂତ ସ୍ୱୟଂ ବ୍ରହ୍ମମୂର୍ତ୍ତି ଭାବରେ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ସେହି ପୂଜ୍ୟଗୁରୁଙ୍କୁ ଅନାଦି, ଅନନ୍ତ, ସାକ୍ଷାତ ନିରଞ୍ଜନ ପୁରୁଷ ଭାବରେ ପ୍ରମାଣ କରିବାରେ ସକ୍ଷମ ହୋଇ ପାରିଥିଲେ । ବ୍ରହ୍ମ ଅବଧୂତ ବିଶ୍ୱନାଥ ବାବା ଏହି ଯେଉଁ ଇତିହାସ ରଚନା କରିଛନ୍ତି, ଏହା ଲୋକମୁଖରେ ପ୍ରଚଳିତ କଥିତ କାହାଣୀ ଉପରେ ରହିଥିଲେ ମଧ୍ୟ ସେ କେତେକ ପ୍ରଥମପନ୍ଥୀ ସାଧୁମାନଙ୍କଠାରୁ ସେମାନଙ୍କ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ସଂଗ୍ରହ କରି ତାଙ୍କ ରଚିତ 'ସତ୍ୟ ମହିମାଧର୍ମର ଇତିହାସ' ଗ୍ରନ୍ଥର ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି । ଏହି କଥାକୁ ଅନୁଶୀଳନ ପୂର୍ବକ ନେଲେ ମହିମାସ୍ୱାମୀଙ୍କୁ ଉତ୍ତର ଭାରତରୁ ଆଗତ ନାଗାସାଧୁ କୁହାଯାଇପାରେ ।

୧୮୬୩ ଖ୍ରୀଷ୍ଟାବ୍ଦରେ ମହିମାସ୍ୱାମୀ ପ୍ରଥମେ ପରିବ୍ରାଜକ ଜୀବନ ଆରମ୍ଭ କରିଥିଲେ । ମୃତକୁ ଜୀବନ ଦାନ, ଅନ୍ଧକୁ ଚକ୍ଷୁ ଦାନ, ଶୂନ୍ୟରେ ଗମନ, ନୈଶ ଆକାଶରେ ସୂର୍ଯ୍ୟଙ୍କ ସୃଷ୍ଟି, ବନ୍ୟାଜଳ ଅପସାରଣ, ବନ୍ଧ୍ୟା ଗାଈଠାରୁ ଦୁଗ୍ଧ ଦୋହନ, ରୋଗୀର ରୋଗହରଣ ଆଦି ଅଲୌକିକ କାର୍ଯ୍ୟ ଦ୍ୱାରା ଜନମାନସରେ ଆଦୃତ ହୋଇ ଯାଇଥିଲା । ସବୁଠାରୁ ବଡ଼କଥା ହେଲା, କି ମହିମା ଧର୍ମର ସରଳ ଉପଦେଶାତ୍ମକ କଥା କେଇପଦରେ ଆକୃଷ୍ଟ ହୋଇ ସହସ୍ର ସଂଖ୍ୟାରେ ସାଧାରଣ ଲୋକମାନେ ମହିମା ଧର୍ମ ଗ୍ରହଣ କରିଥିଲେ । ଏହାପରେ ଓଡ଼ିଶାର ଅନେକ ସ୍ଥାନରେ ମହିମା ସଂପ୍ରଦାୟର ଧ୍ୱନି ମନ୍ଦିର ପ୍ରତିଷ୍ଠା ହେଲା । ସମ୍ବଲପୁର ଜିଲ୍ଲାରେ ଏହାର ପ୍ରଚାରପ୍ରସାର ବିଶେଷ ହୋଇ ପାରିଥିଲା, ଯାହାର ପ୍ରମାଣ ୧୮୮୧ ମସିହାରେ ପ୍ରକାଶିତ 'ଉତ୍କଳ ଦୀପିକା' ପତ୍ରିକାରେ ଉଲ୍ଲେଖ ରହିଛି । ମହିମାପନ୍ଥୀମାନେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଆଚାର ନିଷ୍ଠତାକୁ ଗୁରୁତ୍ୱ ଦେଲେ । ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟାତ୍ୟାଗ କରିବା । ପ୍ରାତଃକାଳରେ ସ୍ନାନ କାର୍ଯ୍ୟ ସମାପନ କରିବା । ପ୍ରାତଃ ଓ ସନ୍ଧ୍ୟା ସମୟରେ ପୂର୍ବ ଓ ପଶ୍ଚିମ ମୁଖ ହୋଇ ବ୍ରହ୍ମସ୍ମରଣ ପୂର୍ବକ ଅଲେଖ ସ୍ୱାମୀଙ୍କ ଶରଣ ଯିବା । ରାତିରେ ଭୋଜନ ଗ୍ରହଣ ନ କରିବା ଓ ମହିମାସ୍ୱାମୀ/ମହାପ୍ରଭୁଙ୍କୁ ନିଜର ଇହକାଳ ଓ ପରକାଳର ଗତିମୁକ୍ତିଦାତା ରୂପେ ଗ୍ରହଣ କରିବା ମହିମାଧର୍ମର ନୀତିଶିକ୍ଷା ସମାଜକୁ ଶୃଙ୍ଖଳିତ ଧାରାରେ ନେବାରେ ପ୍ରଚେଷ୍ଟା ରହିଥିଲା ।

## ମହିମାଧର୍ମର ଉପାସନା

ମହିମାଧର୍ମରେ ସନ୍ନ୍ୟାସୀ ଓ ଗୃହୀମାନଙ୍କ ପାଇଁ ସ୍ୱତନ୍ତ୍ର ଆଚରଣମାନ ମଧ୍ୟ ରହିଛି । ପର, ଅପର ଓ ବୈରାଗୀ ଏହି ତିନୋଟି ଭାଗରେ ଏମାନଙ୍କୁ ଗ୍ରହଣ କରାଯାଇଛି । ଯଦିଓ ସନ୍ନ୍ୟାସୀ ଜୀବନ ଦେଶର ଆଧ୍ୟାତ୍ମିକ ଜୀବନର ପ୍ରକୃତ ପରିଚାଳକ ତଥାପି ଗୃହସ୍ଥାଶ୍ରମରେ ସୁଖଶାନ୍ତି ସ୍ଥାପନ କରିବା ପ୍ରତ୍ୟେକ ଧର୍ମପ୍ରାଣ ମନୀଷୀମାନଙ୍କର ଉଦ୍ଦେଶ୍ୟ ରହିଥିଲା ସ୍ପଷ୍ଟ ଅନୁମିତ ହୁଏ । ପ୍ରତ୍ୟେକ ଗୃହସ୍ଥ ସାଧୁସନ୍ଥଙ୍କ ସେବା କରିବେ, ଅତିଥିମାନଙ୍କୁ ଉପଯୁକ୍ତ ସମ୍ମାନ ଦେବେ, ପତିପତ୍ନୀ କେବଳ ବଂଶରକ୍ଷା ନିମନ୍ତେ ଋତୁ ଅନୁସାରେ ମିଳିତ ହେବେ । ଦିନ ସମୟରେ ରତି ଓ ରାତ୍ରିରେ ଭୋଜନ ଦୁଇଟିକୁ ବର୍ଜନ କରିବେ, ଋତୁମତୀ ନାରୀ ପାକାଦିରେ ଭାଗ ନେବେ ନାହିଁ, ମୃତକାଦି ଅଶୌଚାବସ୍ଥାରେ ଗୃହୀମୁକ୍ତ ବ୍ରହ୍ମଶରଣରୁ ବଞ୍ଚିତ ରହି ସକାଳେ ଓ ସନ୍ଧ୍ୟାରେ କେବଳ ପ୍ରଭୁଙ୍କୁ ସ୍ମରଣ କରିବେ, ସତ୍ୟ ଧର୍ମ ଓ ନ୍ୟାୟ ପଥରେ ରହିବେ, ଜ୍ଞାତିକୁଟୁମ୍ବଙ୍କ ବିୟୋଗରେ ଶୋକାଭିଭୂତ ହେବେ ନାହିଁ ଆଦିର ଉପଦେଶ ମଧ୍ୟ ରହିଛି । ମହିମାଧର୍ମରେ ଭୂଖଣ୍ଡ ଅଦ୍ୱିତୀୟ ବ୍ରାହ୍ମଣଙ୍କର ଉପାସନା କରାଯାଏ । ସଚ୍ଚିଦାନନ୍ଦମୟ ନିର୍ଗୁଣ ନିରହଙ୍କାର ନିରଞ୍ଜନ ସ୍ୱରୂପ ବ୍ରହ୍ମ ହିଁ ମହିମାଧର୍ମର ପ୍ରଧାନ ଉପାସ୍ୟ । ତେଣୁ ନିଷ୍କାମ ଭକ୍ତି ହିଁ ମହିମାଧର୍ମର ଶ୍ରେଷ୍ଠ ଅବଲମ୍ବନ । ମହିମାଧର୍ମରେ ଶୂନ୍ୟରୁ ସକଳ ଜଗତର ସୃଷ୍ଟି ସମ୍ଭବ ହୋଇଥିବାର ବିଶ୍ୱାସ କରାଯାଏ । ଏହି ଶୂନ୍ୟ ଆକାଶ ବାତକ । ବିକ୍ଷେପ ଶକ୍ତି ବିଶିଷ୍ଟ ତମଃ ପ୍ରଧାନ ଅଜ୍ଞାନ ଆବୃତ୍ତ ଚୈତନ୍ୟରୁ ଆକାଶ, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ ଓ ଜଳରୁ ପୃଥିବୀ ଉତ୍ପନ୍ନ ହୋଇଥାଏ । ଏହି ପଞ୍ଚମହାଭୂତ ସହ ମନ, ବୁଦ୍ଧି ଓ ଅହଂକାରର ସମ୍ମିଶ୍ରଣ ହେବା ଭଳି ମହିମାଙ୍କ ଅପାର କରୁଣାରୁ ଏ ବିଶାଳ ସୃଷ୍ଟି ସମ୍ଭବ ହୋଇଛି । ବିଗତ ଦିନମାନଙ୍କରେ ଆର୍ଯ୍ୟ ଓ ଆର୍ଯ୍ୟେତର ସଂସ୍କୃତିର ସମ୍ମେଳନ ଫଳରେ ପ୍ରତୀକବାଦୀ ଉପାସନା ଆର୍ଯ୍ୟଧର୍ମକୁ ପ୍ରଭାବିତ ହେବା ଫଳରେ ପୌତ୍ତଳିକା ସହିତ ପୌରୋହିତ୍ୟର ଉଦ୍ଭବ ଘଟିଥିଲା । ମାତ୍ର ଏ ସବୁକୁ ମହିମାଧର୍ମର ବିରୋଧ କରି ଆସିଛି ସତ । ଈଶ୍ୱରଙ୍କୁ ସାରା ସଂସାରର ସୃଷ୍ଟିକର୍ତ୍ତା ଭାବରେ ଦୃଢ଼ୋକ୍ତି ପ୍ରକାଶ କରିଛି । ମହିମାଧର୍ମରେ କର୍ମବିହୀନ ଜ୍ଞାନ, ଜ୍ଞାନ ନୁହେଁ ଓ ଜ୍ଞାନହୀନ ଭକ୍ତି ପଶୁ ଆଚରଣ ସହିତ ସମାନ । ନିଷ୍କାମ ଭାବ ହିଁ ନିଷ୍କାମ କର୍ମ, ନିଷ୍କାମ ଜ୍ଞାନ ଓ ନିଷ୍କାମ ଭକ୍ତିର ଅଧିକାରୀ କରାଇଥାଏ । 'ମୁଁ' ତ୍ୱ ଭାବ ମଣିଷକୁ ଏହି ନିଷ୍କାମ କର୍ମରୁ ବଞ୍ଚିତ କରିଦିଏ । ମହିମାଧର୍ମରେ ମହିମାସ୍ୱାମୀ ହିଁ ଗୁରୁ ପଦବାଚ୍ୟ । ବସୁଧୈବ କୁଟୁମ୍ବକମ୍ ନୀତିରେ ସମଗ୍ର ବିଶ୍ୱକୁ ନିଜର ମନେ କରି ବିଶ୍ୱବାସୀଙ୍କ ମଙ୍ଗଳ କାମନା ନିମିତ୍ତ ସକଳ ଆକାଂକ୍ଷାକୁ ତ୍ୟାଗ କରିବା ମହିମା ଧର୍ମର ବିଶେଷତ୍ୱ ରହିଛି ।






## ସାହିତ୍ୟରେ ମହିମାଧର୍ମ

ପ୍ରତ୍ୟେକ ଧର୍ମର ପ୍ରଚାର ପ୍ରସାର ସାହିତ୍ୟ ମାଧ୍ୟମରେ ହିଁ ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ଧର୍ମ ସର୍ବଦା ଦୁଇଟି ଦିଗରେ ନିଜର ମତାମତ ପ୍ରଚାର କରିଥାଏ। ବ୍ୟାବହାରିକ ଦିଗ ମାଧ୍ୟମରେ ସମାଜରେ ସାଧାରଣ ପ୍ରବେଶ କରିଥାଏ ଧର୍ମର ବୈଶିଷ୍ଟ୍ୟ। ରୀତି, ନୀତି, ଆଚାର ବ୍ୟବହାର ଦ୍ୱାରା ଲୋକେ ମୁଗ୍ଧ ହୋଇ ସେଇ ଧର୍ମ ଆଡ଼କୁ ଆକୃଷ୍ଟ ହୋଇଥାନ୍ତି। ଦାର୍ଶନିକ ଦିଗରେ ଧର୍ମର ତତ୍ତ୍ୱ ନିହିତ ଥାଏ। ଉଭୟର ସାମ୍ୟରେ ହିଁ ଉଦ୍ଦେଶ୍ୟ ଲୋକଲୋଚନକୁ ଆସିଥାଏ। ଯେଉଁଠି ସାହିତ୍ୟର ଆବଶ୍ୟକତା ଥାଏ। ଦୁଇଟି ଦିଗକୁ ଧ୍ୟାନରେ ରଖି ସୁନ୍ଦର ଏକ ସେତୁ ସାହିତ୍ୟ ନିର୍ମାଣ କରିଥାଏ। ସମସ୍ତଙ୍କ ନିକଟରେ ବୋଧଗମ୍ୟ ହେବା ଭଳି ଧର୍ମ ସାଧନାର ମହତ ଲକ୍ଷ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇ ଦେଇଥାଏ। ଏହାର ଅନେକ ଉଦାହରଣ ରହିଛି। ବୁଦ୍ଧ, ମହାବୀର, ଯୀଶୁ, ମହମ୍ମଦ, ଚୈତନ୍ୟ କି ମହିମାସ୍ୱାମୀ ପ୍ରଭୃତି ଅନେକ ଧର୍ମ ପ୍ରଚାରକମାନେ ନିଜେ କୌଣସି ସାହିତ୍ୟ ଗ୍ରନ୍ଥ ରଚନା କରି ନିଜ ଧର୍ମ ପ୍ରଚାର କରି ଯାଇ ନାହାନ୍ତି। ସେମାନଙ୍କ ଦ୍ୱାରା ପ୍ରଚାରିତ ଧର୍ମଭିତ୍ତିକ ଉପଦେଶକୁ ପରବର୍ତ୍ତୀ କାଳରେ ସୂତ୍ର, ପିଟକ, କୋରାନ ପ୍ରଭୃତି ଆକାରରେ ସଙ୍କଳିତ କରାଯାଇଛି। ଅନେକ ସାହିତ୍ୟିକ ସେମାନଙ୍କ ଉପଦେଶକୁ ହୃଦୟଙ୍ଗମ କରି କଳାତ୍ମକ ଦୃଷ୍ଟିକୋଣ ନେଇ ରୂପ ଦେଇଛନ୍ତି । ଭୀମଭୋଇଙ୍କ ରଚିତ ମହିମା ସାହିତ୍ୟକୁ ଆଲୋଚନା କଲେ ସହଜରେ ବୁଝାଯାଇପାରିବ। ଜାତିରେ କନ୍ଧ ପୁଣି ଜନ୍ମରୁ ଅନ୍ଧ, ତଥାପି ସେ ଥିଲେ ଦିବ୍ୟଦ୍ରଷ୍ଟା ।



ଭୀମଭୋଇଙ୍କ ସମସାମୟିକ କବି ଭାବରେ ଭକ୍ତକବି ଜୟକୃଷ୍ଣ ମହିମା ଧର୍ମାବଲମ୍ବୀ ଭକ୍ତମାନଙ୍କ ନିକଟରେ ବେଶ୍ ପରିଚିତ ଅଟନ୍ତି । ଖଞ୍ଜଣିର ତାଳେତାଳେ ତାଙ୍କ ରଚିତ 'ଜୟକୃଷ୍ଣ ଭଜନ' ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ ଅତ୍ୟନ୍ତ ମନମୁଗ୍ଧକର ଗୀତଗୁଡ଼ିକ ଗାନ ସମୟରେ ସାକ୍ଷାତ ଈଶ୍ୱରଙ୍କ ସାନ୍ନିଧ ମିଳିବା ପରି ଅନୁଭବ ଆସିଥାଏ। ଓଡ଼ିଶାର ଅର୍ଦ୍ଧଶିକ୍ଷିତ ସମାଜର ନିମ୍ନସ୍ତରର ଲୋକ କିପରି ଆପଣାର ସରଳ ସହଜ ରଚନା ଚାତୁରୀ ଦ୍ୱାରା ଭାଷାର କରୁଣ ପ୍ରାଣଟିକୁ ରଖି ପାରିଥିଲେ ମନରେ ଜାଣିବାର ଉତ୍କଣ୍ଠା ବଢ଼ିଯାଇଥାଏ। ସେହିପରି ବିଶ୍ୱନାଥ ବାବା ଥିଲେ ଏକାଧାରାରେ କବି ଓ ତାତ୍ତ୍ୱିକ । ମହିମାଧର୍ମ ଓ ଦର୍ଶନତତ୍ତ୍ୱକୁ ବ୍ୟାଖ୍ୟା କରିବା ପାଇଁ ସେ ଯେପରି 'ସତ୍ୟ ମହିମା ଧର୍ମ ପ୍ରତିପାଦକ', 'ସତ୍ୟ ମହିମାଧର୍ମର ଇତିହାସ', 'ସତ୍ୟ ମହିମା ଧର୍ମ ତତ୍ତ୍ୱସାର', 'ସତ୍ୟ ମହିମା ଧର୍ମ ପ୍ରଦୀପ', 'ସତ୍ୟ ମହିମା ଧର୍ମ ସଚେତ ବାଣୀ, 'ସତ୍ୟ ମହିମା ଧର୍ମ ସ୍ୱରୂପ', 'ଅଲେଖ ପରଂବ୍ରହ୍ମ ଦର୍ଶନମ୍' ପ୍ରଭୃତି ମହିମା ଧର୍ମର ବ୍ୟାପକତାକୁ ପ୍ରତିଷ୍ଠା ମଧ୍ୟ ଦେଇପାରିଛି । ମହିମା ଧର୍ମର ଏକ ଉଚ୍ଚକୋଟୀର ସମାଲୋଚନା ସାହିତ୍ୟ ଭାବରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ରଚିତ ଗ୍ରନ୍ଥ 'ଓଡ଼ିଶାରେ ମହିମାଧର୍ମ' ଗ୍ରନ୍ଥଟି ସ୍ମରଣକୁ ଆସେ । ଯେଉଁଥିରେ ମହିମାଧର୍ମ ଉପରେ ବହୁ ଲୁକ୍କାୟିତ ତଥ୍ୟର ପ୍ରକାଶ ହୋଇଛି। ଏହା ବ୍ୟତୀତ ପଦ୍ମଶ୍ରୀ ଡକ୍ଟର ଲକ୍ଷ୍ମୀନାରାୟଣ ସାହୁଙ୍କ ରଚିତ 'ମହିମାଧର୍ମର ସଂକ୍ଷିପ୍ତ ସାରକଥା' ଓ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ରଚିତ 'ଭକ୍ତକବି ଭୀମଭୋଇ ଗ୍ରନ୍ଥ' ଓଡ଼ିଆ ମହିମା ସାହିତ୍ୟ ଓ ଓଡ଼ିଶାରେ ମହିମା ଧର୍ମର ବ୍ୟାପକତାକୁ ପ୍ରକାଶ କରିଅଛି । ଏହା ବ୍ୟତୀତ ମହିମାଧର୍ମର ପ୍ରଚାରପ୍ରସାର ପାଇଁ କିଛି ଓଡ଼ିଆ ପତ୍ରପତ୍ରିକା ମଧ୍ୟ ସୃଷ୍ଟି ହୋଇଥିଲା । ଏଥିରେ ମହିମାଧର୍ମ ପ୍ରସାର ଉଦ୍ଦେଶ୍ୟରେ ସତ୍ୟଧର୍ମ ପତ୍ରିକାଟି ପ୍ରକାଶ ପାଇଥିଲା । ଏଥିରେ ମହିମାଧର୍ମର ମୂଳକଥା- ଜାତି ବିଚାର, ମଣିଷର ଧର୍ମାଚରଣ, ପରମ ଦେବତାର ପୂଜା, ସାଧୁମାନଙ୍କ ପରିଚୟ, ବିଭିନ୍ନ ଗ୍ରାମର ସାଧୁ ସମ୍ମିଳନୀ ଓ ବାଲ୍ୟ ଜୀବନର ବିବରଣୀ ପ୍ରକାଶ ପାଉଥିଲା। ଏହାର ପରବର୍ତ୍ତୀ ସମୟରେ 'ଅଲେଖ' ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ ପାଇଥିଲା। ୧୯୪୦ ଖ୍ରୀଷ୍ଟାବ୍ଦରେ ଗଞ୍ଜାମର ଖଡ଼ସିଙ୍ଗରୁ 'ମହିମା' ନାମକ ଏକ ପତ୍ରିକା ପ୍ରକାଶ ପାଇଥିଲା। ୧୯୮୨ ମସିହାରେ 'ମହିମା ମୟୁଖ' ପ୍ରମୁଖ ପତ୍ରିକାଗୁଡ଼ିକ ମହିମା ଧର୍ମର ଗୁରୁତ୍ୱକୁ ପ୍ରତିପାଦନ କରିଥିଲେ।




ଓଡ଼ିଆ ଭାଷା ଓ ସାହିତ୍ୟର ଗୌରବ ଭକ୍ତକବି ସନ୍ଥ ଭୀମଭୋଇଙ୍କ ରଚିତ 'ସ୍ତୁତି ଚିନ୍ତାମଣି', ଶ୍ୟାମଘନ ଦାସଙ୍କ ରଚିତ 'ଅଲେଖ ଲୀଳା', ମହିମା ସାଧୁବ୍ରହ୍ମ ଅବଧୂତ ବିଶ୍ୱନାଥ ବାବାଙ୍କ 'ସତ୍ୟ ମହିମାଧର୍ମର ଇତିହାସ' ଗ୍ରନ୍ଥରୁ ଓଡ଼ିଶାରେ ମହିମାସ୍ୱାମୀଙ୍କ ଆବିର୍ଭାବ ଓ ମହିମାଧର୍ମର ପ୍ରଚାର ପ୍ରସାର ସମ୍ପର୍କରେ ଅନେକ ତଥ୍ୟ ମିଳିଥାଏ।



ପରିଶେଷରେ ମହିମାଧର୍ମ ଓଡ଼ିଶାର ଧର୍ମୀୟ ଚେତନାର ଏକ ନୂତନ ଅଧ୍ୟାୟ। ମକର ମାସ ଉଭୟ ସୌର ଉପାସକ ଓ ମହିମା ଉପାସକମାନଙ୍କର ପବିତ୍ର ମାସ ଅଟେ। ମକର ଶୁକ୍ଳ ସପ୍ତମରେ ସୂର୍ଯ୍ୟଙ୍କର ପୂଜା କରାଯାଉଥିବାବେଳେ ଚତୁର୍ଦ୍ଦଶୀରେ ମହିମାସ୍ୱାମୀଙ୍କର ପୂଜା କରାଯାଇଥାଏ। ପୁରାଣରେ ବର୍ଣ୍ଣିତ ସମସ୍ତ ସୌର ଉପାସକମାନେ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରି ବର ପାଇବା ନିମନ୍ତେ ଏହି ମାସଟିକୁ ଉତ୍କୃଷ୍ଟ ମନେ କରିଛନ୍ତି। ମହିମା ଧର୍ମାବଲମ୍ବୀମାନେ ଏହି ମାସର ମହତ୍ତ୍ୱକୁ ବୁଝିଛନ୍ତି। ସବୁଧର୍ମର ଯାହା ଏକାନ୍ତ ମୌଳିକ ଲକ୍ଷ୍ୟ, ମଣିଷ ଜୀବନର ଶାନ୍ତି: - ମହିମାଧର୍ମରେ ମଧ୍ୟ ତାହା ହିଁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଆସୁଅଛି। ■

ସହଯୋଗୀ ଗବେଷିକା
ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
ଭୁବନେଶ୍ୱର, ମୋ: ୮୨୪୯୮୭୪୬୦୮

# ମହିମାସ୍ୱାମୀଙ୍କ ଶୂନ୍ୟଲୀଳା



ପ୍ରଶାନ୍ତ ମହାପାତ୍ର

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ। ପ୍ରବୁଦ୍ଧ ଗୁରୁ ମହିମାସ୍ୱାମୀଙ୍କ ଦୀର୍ଘ ୩୬ବର୍ଷ କାଳର କୃଚ୍ଛ୍ର ଆତ୍ମଯୋଗ ସମାଧି ଜଗତର ପୁଣ୍ୟର ମାତ୍ରାକୁ ବଢ଼ାଇ ଦେଇଥାଏ। ଅନୁରୂପ ଭାବରେ ତାଙ୍କ ଦ୍ୱାରା ୧୪ ବର୍ଷର ଧର୍ମ ପ୍ରଚାରପ୍ରସାର କାଳରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିବା ସ୍ୱର୍ଗୀୟ ଅନାହତ ଧ୍ୱନି ପ୍ରଜ୍ୱଳନ କଳି କାଳର ପାପର ପ୍ରାବଲ୍ୟକୁ ଅନେକ ମାତ୍ରାରେ ପ୍ରଶମିତ କରିଥାଏ। ଯାହାକି ମହିମାମୟ ପୁରୁଷଙ୍କ ଧରାବତରଣ ଲୀଳାର ଅସଲ ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିସାରିଥାଏ। ଅଭିନୟ ସରିଗଲା ପରେ ସମସ୍ତେ ରଙ୍ଗମଞ୍ଚ ଛାଡ଼ି ଚାଲିଯିବାର ପ୍ରସ୍ତୁତି ଆରମ୍ଭ କଲାଭଳି ଲୀଳାପୁରୁଷ ତାଙ୍କର ମର୍ତ୍ତ୍ୟଲୀଳା ଶେଷ କରି ବାହୁଡ଼ି ଯିବାର ପ୍ରସ୍ତୁତିରେ ଥାଆନ୍ତି। ମାତ୍ର ଯିବା ପୂର୍ବରୁ ଭକ୍ତବତ୍ସଳ ତାଙ୍କ ଗହଣରେ ବୁଲୁଥିବା ଗହଣିଆ ସାଧୁଭକ୍ତଙ୍କୁ ସେମାନଙ୍କ ଭାବ ଅନୁଯାୟୀ ମୂଲ ଦେଇଯିବାକୁ ମନସ୍ଥ କରି ଏକ ଧର୍ମ ସଭା ଡକାଇଲେ।

ମହିମାସ୍ୱାମୀଙ୍କ ଆଜ୍ଞାନୁଯାୟୀ ଭକ୍ତମାନଙ୍କର ସାହାଯ୍ୟ କ୍ରମେ ନିର୍ଦ୍ଧାରିତ ଦିବସରେ ଧର୍ମସଭାର ଆୟୋଜନ ହେଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତର ମହିମା ଧର୍ମାବଲମ୍ବୀ ଗହଣିଆ ଭକ୍ତମାନେ ଉକ୍ତ ସଭାରେ ଯୋଗଦାନ କଲେ। ଜଙ୍କା ଗ୍ରାମର ପରିବେଶ ସେଦିନ ବେଶ ଅଧ୍ୟାତ୍ମିକମୁଖର, ଚଳଚଞ୍ଚଳ ହୋଇଉଠିଲା। ନିର୍ଦ୍ଧାରିତ ଦିବସରେ ବିଭିନ୍ନ ଲଗ୍ନରେ ସ୍ୱାମୀଙ୍କ ଦ୍ୱାରା ଭିନ୍ନ ଭିନ୍ନ ଧର୍ମାନୁମୋଦିତ କାର୍ଯ୍ୟମାନ ଅନୁଷ୍ଠିତ ହେଲା। ମାତ୍ର ଧର୍ମସଭାର ଶେଷ ଲଗ୍ନରେ ସ୍ୱାମୀ ଉପସ୍ଥିତ ଗହଣିଆ ଭକ୍ତମାନଙ୍କୁ ଆଜ୍ଞାଦେଇ କହିଲେ "ଆଜିର ଏହି ସଭା ଏକ ଭିନ୍ନ ସଭା, ଏଠି ଆଜି ଯିଏ ଯାହା ମନଖୋଲି ମାଗିବ ଶୂନ୍ୟପ୍ରଭୁଙ୍କର ଭଣ୍ଡାରରୁ ଅଚିରେ ତାକୁ ସବୁ ମିଳିବ। ତେଣୁ ତୁମେମାନେ ମନଖୋଲି ମାଗ।" ଉପସ୍ଥିତ ସାଧୁଭକ୍ତମାନଙ୍କ ମଧ୍ୟରେ ଗୁଞ୍ଜରଣ ଖେଳିଗଲା। ଭକ୍ତମାନେ ଆନନ୍ଦଉଲ୍ଲାସରେ ମାତି ଉଠିଲେ। କାରଣ ଆଜି ସତ୍ୟପୁରୁଷ ସତ୍ୟ କରିଛନ୍ତି ମାନେ ନିଶ୍ଚିତ ହସ୍ତ ପ୍ରସାରୀ ଦେବେ। ପୁନଶ୍ଚ କିଛି ସମୟ ପାଇଁ ନିରବତାର ବାତାବରଣ ଆସିଲା। ଏଥର ଜଣ ଜଣ କରି ଭାବି ବସିଲେ କ'ଣ କ'ଣ ମାଗିବେ ବୋଲି। କିଛିକ୍ଷଣ ପରେ ନିରବତା ଭଙ୍ଗ କରି ଜଣକ ପରେ ଜଣେ ସେମାନଙ୍କ ଅଭିଳାଷକୁ ଅଚିରେ ପ୍ରକାଶ କଲେ। କିଏ ଟଙ୍କା ମାଗିଲା ତ କିଏ ସୁନା ମାଗିଲା। କିଏ ପାଟ ମାଗିଲା ତ କିଏ ପୁତ୍ର ମାଗିଲା। ପୁଣି କିଏ ଯଶ ମାଗିଲା ତ କିଏ ଐଶ୍ୱର୍ଯ୍ୟ ମାଗିଲା। ସଭିଙ୍କୁ ସବୁ କିଛି ମିଳିଲା। କିଛି ସମୟ ପରେ ସ୍ୱାମୀଙ୍କର ନଜର ପଡ଼ିଲା ସଭାସ୍ଥଳୀର ଗୋଟିଏ କୋଣରେ ମଥାପାତି ବସିଥିବା ଭକ୍ତ ଦାମ ବେହେରାଙ୍କ ଆଡ଼କୁ। ଆଜି ତାଙ୍କର ମୁଖରେ କାହିଁକି ସରସତା ନାହିଁ। ସଭାରେ କାହିଁକି ଆଗ୍ରହ ନାହିଁ ଏକଥା ମହିମାସ୍ୱାମୀ ଠିକ୍ ଜାଣିପାରୁଥିଲେ। ତଥାପି ଲୀଳାମୟ ସବୁଜାଣିକି ଅଜଣାଙ୍କ ପରି ପରମଭକ୍ତଙ୍କୁ ଆଜ୍ଞା ହେଲେ "ଭକ୍ତ ଦାମ! ଏତେ ବଡ଼ ଧର୍ମସଭାରେ ସାଧୁଭକ୍ତମାନେ କିଏ କେତେ କ'ଣ ମାଗି ନେଲେ। ତୁମେ କାହିଁକି ନିରବରେ ବସିଛ। ମାଗ ! ଯାହା ଇଚ୍ଛା ମାଗ ! ଅଚିରେ ପୂରଣ ହେବ। ପ୍ରଥମରୁ ମୁଁ କହି ରଖିଛି ନା ଯେ ଏ ସଭା ମୋର ଅନ୍ତିମ ଧର୍ମସଭା ବୋଲି !"

ଯୋଡ଼ହସ୍ତହୋଇ ଭକ୍ତ ଦାମ ବେହେରା ଛିଡ଼ା ହେଲେ। ମୁଖରେ ସରସତା ନାହିଁ। ଆଖି ଲୋତକାପ୍ଳୁତ। ସମ୍ଭବତଃ ସେ ଜାଣିପାରୁଥିଲେ ଯେ ପ୍ରଭୁଙ୍କର ମହାନିତ୍ୟ ଖେଳଲୀଳା ସରିଆସିଲାଣି ବୋଲି। ପାଟିଖୋଲି କିଛି କହିବା ଅବସ୍ଥାରେ ସେ ନ ଥିଲେ। ମୁଣ୍ଡ ହଲାଇ ନାହିଁ କଲେ। ପ୍ରଭୁ ମଧ୍ୟ ଭକ୍ତର ମନୋଭାବ ବୁଝିଲେ। ତଥାପି କହିଲେ ଦାମ ! ଉପସ୍ଥିତ ସାଧୁଭକ୍ତ ତୁମ୍ଭ ମନର କଥା ସିନା ବୁଝିପାରୁନାହାନ୍ତି। କିନ୍ତୁ ତୁମର ମନର ଭାବ ମୁଁ ବେଶ ବୁଝି ପାରୁଛି। ତେବେ ମୋର କହିବାର କଥା ଯେ ଶୂନ୍ୟପ୍ରଭୁଙ୍କର ଆଜ୍ଞା ହେଲା ତୁମ ପ୍ରତି ଯେ ମାଗ ବୋଲି। କ'ଣ ଦୁଃଖରେ ତୁମେ ଏତେ ଅଧୀର ହୋଇ ପଡ଼ିଛି ଯେ ଶୂନ୍ୟ ପ୍ରଭୁଙ୍କର ଆଜ୍ଞାକୁ ଅବଜ୍ଞା କରିବାକୁ ବସିଛ? ପ୍ରଭୁଙ୍କର ମୁଖରୁ ଏ କଥା ଶୁଣି ପ୍ରକୃତିସ୍ଥ ହୋଇଉଠିଲେ ଦାମ । ଭାବି ବସିଲେ ସତରେ ଦୁଃଖରେ ଅବିଭୂତ ହୋଇ କେତେ ବଡ଼ ଭୁଲ୍ କରି ମୁଁ ବସି ନ ଥିଲି? ଯଦ୍ୱାରା କି ମୁଁ ମୋର ପ୍ରାଣ ପ୍ରିୟତମ ପ୍ରଭୁଙ୍କର ଆଜ୍ଞାକୁ ଭୁଲି ଯାଇଥିଲି। ଏଥିପାଇଁ କିଛି କ୍ଷଣ ପାଇଁ ମଉନରେ ନିଜେ ନିଜକୁ ଭର୍ତ୍ସନା କଲେ। ଧିକ୍କାର କଲେ। ଏଥର ଦୁଇହାତରେ ଆଖିକୁ ମଳି ଠିଆହୋଇ ଯୋଡ଼ହସ୍ତ ପୂର୍ବକ କହିଲେ "କ୍ଷମା କରିବେ ସ୍ୱାମୀ, ଅଜ୍ଞାନତାବଶତଃ ଆପଣଙ୍କ ଆଜ୍ଞାକୁ କିଛି କ୍ଷଣପାଇଁ ଅବଜ୍ଞା କରିଥିବାରୁ ମୁଁ ଲଜ୍ଜିତ। ଏଥିପାଇଁ ଆପଣ ମୋତେ ଯେଉଁ ଦଣ୍ଡରେ ଦଣ୍ଡିତ କରିବା କଥା କରନ୍ତୁ। ତେବେ ମୋର ଏତିକି ଆପଣଙ୍କଠାରେ ମାଗୁଣି ଯେ, ମୋର ଅନ୍ୟ କିଛି ବାଞ୍ଛା ନାହିଁ। ଆପଣଙ୍କ ଅଶେଷ କୃପାରୁ ମୋତେ ଚତୁଃବର୍ଗ ଫଳପ୍ରାପ୍ତି ହୋଇଛି। ତଥାପି ମୋର ଏତିକି ଅଭିଳାଷ- ଆପଣଙ୍କ ଶେଷ ଦର୍ଶନ ମୁଁ ଯେମିତି ପାଇବି। ଏଥିରୁ ମୋତେ ଯେମିତି ଆପଣ ବଞ୍ଚିତ କରିବେନି।" ଲୀଳାମୟ ଏଥର ଓଠରେ ଦରଫୁଟା ହସ ଫୁଟାଇ ଆଜ୍ଞା ହେଲେ – "ଭକ୍ତ ଦାମ ! ତୁମେ ମାଗି ନମାଗି ଶୂନ୍ୟ ପ୍ରଭୁଙ୍କର କରକମଳରେ ହାତ ମାରିଦେଲ। ଶୂନ୍ୟପ୍ରଭୁ ତୁମର ମନୋବାଞ୍ଛା ଅଚିରେ ପୂର୍ଣ୍ଣ କରିବେ!!!"

ଏହାର କିଛିଦିନ ପରେ ମଢ଼ି ଗ୍ରାମରେ (ଅଧୁନା ଏହା କାମାକ୍ଷାନଗର ଭାବେ ପରିଚିତ) ମହିମାସ୍ୱାମୀ ଗହଣିଆ ଭକ୍ତ ତଥା ସିଦ୍ଧସାଧୁଙ୍କ ଗହଣରେ ବିଜେ ହେଲେ। ସେଠାରେ ବିଧି ନିର୍ଦ୍ଦେଶିତ ଲୀଳାମାନ ସମାହିତ କରାଇ ଉପସ୍ଥିତ ଭକ୍ତମାନଙ୍କ ପ୍ରତି ଆଜ୍ଞା ଦେଲେ – "ମୋର ମର୍ତ୍ତ୍ୟଲୀଳା ଶେଷ ହେବାର ସମୟ ନିକଟ ହୋଇ ଆସିଲାଣି। ମୋତେ ଜଙ୍କା ଗ୍ରାମକୁ ନେଇଚାଲ। ସମସ୍ତ ଜଗତ ଭକ୍ତଙ୍କୁ ଜଙ୍କା ଗ୍ରାମକୁ ଆସିବାକୁ କୁହ । ହଁ, ଭକ୍ତ ଦାମ ବେହେରାଙ୍କୁ ମଧ୍ୟ ଖବର ଦିଅ, ଏଠାକୁ ଆସିବାକୁ।"





## ଶୂନ୍ୟ ପ୍ରଭୁଙ୍କ ଶେଷ ଆଜ୍ଞା

ଗୁରୁ ଆଜ୍ଞା ଗରୀୟସୀ। ଗହଣିଆ ଭକ୍ତମାନେ ଚାରିଆଡ଼େ ଖେଳେଇ ହୋଇ ଛୁଟିଲେ ଜଗତ ଭକତଙ୍କୁ ଶୂନ୍ୟ ପ୍ରଭୁଙ୍କର ଶେଷ ଆଜ୍ଞାକୁ ଜଣାଇବା ନିମିତ୍ତ। ଦୁଇ ଜଣ ଭକ୍ତ ଦୁଇ ଦିନ ପରେ ବଣ ଜଙ୍ଗଲର କଣ୍ଟକିତ ପାହାଡ଼ିଆ ରାସ୍ତାରେ ପାଦରେ ଚାଲି ଚାଲି ଆସି ଯୋରନ୍ଦା ଗ୍ରାମରେ ଥିବା ଦାମ ବେହେରାଙ୍କ ଘରେ ଉପସ୍ଥିତ ହୋଇ ସ୍ୱାମୀ ଗୋସାଇଁଙ୍କର ଆଜ୍ଞାକୁ ଦାମଙ୍କୁ ଶୁଣାଇଲେ। ବହୁତ ଦୂରରୁ କ୍ଳାନ୍ତଶ୍ରାନ୍ତ ହୋଇ ଆସିଥିବା ଭକ୍ତ ଦ୍ୱୟଙ୍କୁ ଦାମ ଯଥାମାନ୍ୟ ଦେଇ ସେମାନଙ୍କର ଖାଦ୍ୟ ପାନୀୟର ବ୍ୟବସ୍ଥା କରିବା ପରେ ସେମାନଙ୍କୁ କହିଲେ "ପ୍ରଭୁଙ୍କ ଅନ୍ତିମ ଧର୍ମସଭାରେ ସ୍ୱୟଂ ମୋତେ କହିଥିଲେ ଶେଷ ଦର୍ଶନ ଦେବାକୁ। ଯଦି ଦର୍ଶନ ନ ଦେବେ ନାହିଁ। କିନ୍ତୁ ମୁଁ ଏଠାରୁ ଜଙ୍କା ଗ୍ରାମକୁ ଯାଇ ପାରିବି ନାହିଁ।" ଭକ୍ତ ଦ୍ୱୟ ଦାମଙ୍କ ମୁଖର କଥାକୁ ଦୁଇଦିନ ପରେ ନେଇ ପ୍ରଭୁଙ୍କୁ ଶୁଣାଇଲେ। ଭକ୍ତବତ୍ସଳ ପ୍ରଭୁ ଦାମଙ୍କୁ ବର ଆକାରରେ ଦେଇଥିବା କଥାକୁ ଯେ ଭୁଲି ଯାଇଥିଲେ ତାହା ନୁହେଁ। ସେ ଭକ୍ତର ଦୃଢ଼ତାକୁ ପରୀକ୍ଷା କରୁଥିଲେ। ଭକ୍ତର ଦୃଢ଼ତା ତଥା ନିଷ୍ଠାର କଥା ଜାଣିପାରି ପ୍ରଭୁ ପୁଣି ଉପସ୍ଥିତ ଭକ୍ତମାନଙ୍କୁ ସନ୍ଦେଶ ଦେଲେ ଯେ "ମୋତେ ତୁମ୍ଭେମାନେ ଅଚିରେ ଯୋରନ୍ଦା ଗ୍ରାମକୁ ନେଇ ଚାଲ। ମନେ ରଖ ମୋର ପାଦ ଆଉ ଯେମିତି ଭୂମିରେ ସ୍ପର୍ଶ ନ ହୁଏ। ମୋତେ ତୁମେ ହାତରେ କୋଳେଇ କରି ନିଅ।" ଭକ୍ତ ସମୂହ ପ୍ରଭୁଙ୍କ ପହଣ୍ଡିରେ ନେଲା ପରି ହାତର ଦୋଳାରେ ଦୋଳାୟମାନ କରି ଯୋରନ୍ଦା ଗ୍ରାମାଭିମୁଖେ ନେଲେ। ଇତ୍ୟବସରେ ଭକ୍ତ ଦାମ ମଧ୍ୟ ପ୍ରଭୁଙ୍କ ନଶ୍ୱର ଶରୀରକୁ ଧରି ରଖିବା ଭଳି ବଡ଼ ମୃତ୍ତିକା ଭାଣ୍ଡଟିଏ ଯୋଗାଡ଼ କରିସାରିଥିଲେ।



## ମହିମାସ୍ୱାମୀଙ୍କ ମହାପ୍ରୟାଣ

ପ୍ରଭୁ ଯୋରନ୍ଦା ଗ୍ରାମରେ ବିରାଜମାନ ହେବା ପାଇଁ ଯେତିକି ଯେତିକି ପାଖେଇ ଆସୁଥିଲେ, ଯୋରନ୍ଦା ମାଟିର ଗଗନପବନରେ ଆଧ୍ୟାତ୍ମିକ ପରିବେଶ ସେତିକି ବୃଦ୍ଧି ପାଉଥାଏ । ଚାରିଆଡୁ ଅଜସ୍ର ସାଧୁସନ୍ଥ ଭକ୍ତ ତଥା ଦର୍ଶନାର୍ଥୀଙ୍କ ସୁଅ କ୍ରମଶଃ ଯୋରନ୍ଦା ଆଡ଼କୁ ବୋହିଲା । ବିଧି ନିର୍ଦ୍ଧାରିତ ସମୟରେ ଏ ଭକତ ହାତରୁ ସେ ଭକତ ହାତ ସେ ଭକତ ହାତରୁ ଅନ୍ୟ ଭକତ ହାତରେ ଦୋଳିଖେଳି ଖେଳି ସ୍ୱାମୀ ଯୋରନ୍ଦା ଗ୍ରାମରେ ଉପସ୍ଥିତ ହେଲେ ଏବଂ ଉପସ୍ଥିତ ସାଧୁଭକ୍ତମାନଙ୍କୁ ସମ୍ବୋଧିତ କରି ଆଜ୍ଞା ହେଲେ – " ଏହି ପବିତ୍ର ଯୋରନ୍ଦା ଗ୍ରାମରେ ହିଁ ଆମେ ଅନ୍ତିମ ବିଶ୍ରାମ ନେବୁ । ଏହି ମାଟି ଏଣିକି ମହିମା ଗାଦି ରୂପେ ପରିଚିତ ହେବ । ଏଠାରେ ସ୍ଥାପିତ ହେବାକୁ ଥିବା ଗାଦିମଣ୍ଡଳମାନେ ସତ୍ୟଯୁଗରେ ଅନନ୍ତ କ୍ଷେତ୍ର ନାମରେ ନାମିତ ହେବ । ହଁ, ତୁମ ମଧ୍ୟରୁ କେତେ ଜଣ ଭକ୍ତ ହଦକରମୂଳ ଗ୍ରାମ ଅଭିମୁଖେ ଯାଅ । ସେଠାରେ ବସବାସ କରୁଥିବା ଜୈନିକ ପୁଟୁଳି ବଣିଆର ପାଖରେ ଥିବା ତମ୍ବା ପଟାଟିକୁ ଏଠାକୁ ଆଣ । ସେଦିନର ଲଗ୍ନ ଥାଏ ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ୧୮୭୬ ମସିହା । ଏହି ଦିବସର ଏକ ମାହେନ୍ଦ୍ର ବେଳାରେ ପ୍ରଭୁ ସହସ୍ରାଧିକ ସାଧୁସନ୍ଥଙ୍କ ଗହଣରେ ତଥା ପରମ ନିଷ୍କାମୀ ଭକ୍ତ ଦାମ ବେହେରାଙ୍କ କୋଳରେ ରହି ମର୍ତ୍ତ୍ୟଲୀଳା ସାଙ୍ଗ କରି ଅମରଧାମକୁ ଗମନ କଲେ ।

ଅଲେଖ ମହିମା ଷଡ଼ାକ୍ଷର ମନ୍ତ୍ର ଧ୍ୱନିର ପ୍ରତିଧ୍ୱନିରେ ମହିମାଗାଦିର ଗଗନପବନ ଉକ୍ତ ସମୟରେ ପ୍ରକମ୍ପିତ ହୋଇ ଉଠୁଥାଏ । ଏକ ଅଦ୍ଭୁତ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଆକାଶ ମଣ୍ଡଳ ଈଷତ୍ ରଙ୍ଗିମା ବର୍ଣ୍ଣରେ ଆଲୋକିତ ହୋଇଥାଏ । ଚାରିଆଡେ ଏକ ଭିନ୍ନ ମହକ ଖେଳେଇ ହୋଇଯାଇଥାଏ । ଏହି ସମୟରେ ହଦକରମଳ ଗ୍ରାମର ପୁଟୁଳି ବଣିଆର ଘରୁ ତମ୍ବା ଫଳକଟିକୁ ଧରି ଦୁଇଜଣ ଭକ୍ତ ଉପସ୍ଥିତ ସାଧୁଭକ୍ତଙ୍କୁ ହସ୍ତାନ୍ତର କଲେ । ଯେଉଁଥିରେ କି ମହିମାସ୍ୱାମୀଙ୍କ ମହାପ୍ରୟାଣର ପ୍ରସଙ୍ଗ ତିଥି ନକ୍ଷତ୍ରମାନ ଅବିକଳ ଭାବରେ ଉଲ୍ଲେଖିତ ହୋଇଥିଲା । ଏହାକୁ ଦେଖି ଉପସ୍ଥିତ ଜଗତ ଭକତଙ୍କ ମଧ୍ୟରେ ଆଲୋଡ଼ନ ଖେଳିଗଲା ।










## ପାର୍ଥିବ ଶରୀରକୁ ସମାଧି

ପ୍ରଭୁଙ୍କ ପାର୍ଥିବ ପିଣ୍ଡିକୁ କିଛି ସମୟ ପାଇଁ ରଖାଯାଇଥିଲା ସାଧୁଭକ୍ତମାନଙ୍କ ଶେଷ ଦର୍ଶନ ନିମନ୍ତେ । ସେ ପାର୍ଥିବ ଶରୀରରୁ ମଧ ତେଜ ଝଟକୁ ଥାଏ । ସତେ ଯେମିତି ମନେ ହେଉଥାଏ ପ୍ରଭୁ ଅନନ୍ତ ଶୟନ ଯାଇଛନ୍ତି । ଏହା ପରେ ଚାଲିଲା ପ୍ରଭୁଙ୍କର ପାର୍ଥିବ ଶରୀରର ଶେଷ ଯାତ୍ରା ପାଇଁ ପ୍ରସ୍ତୁତି । ପ୍ରଭୁ ଶୂନ୍ୟ ହୋଇଥିବା ଆସ୍ଥାନର ପୂର୍ବଦିଗର ଅନତି ଦୂରରେ ଥିବା ଏକ ପୁରୁଷିଆ ନିମ୍ବ ବୃକ୍ଷର ସମୀପରେ ଥିବା କେରକେଛି କଣ୍ଟାବୁଦା ପରିପୂର୍ଣ୍ଣ ଦଳକ ଅଞ୍ଚଳକୁ ସଫା କରାଯାଇ କର୍ପୂର, ଗୋମୟ, ଚନ୍ଦନ ପାଣି ସିଞ୍ଚନ ପୂର୍ବକ ପବିତ୍ର କରାଗଲା । ପରିଶେଷରେ ଭକ୍ତ ଦାମ ବେହେରା, ବାବା ବାଞ୍ଛାନିଧି ଦାସ, ବାବା ପରମାନନ୍ଦ ଦାସ ପ୍ରମୁଖଙ୍କ ଦ୍ୱାରା ମହିମା ସ୍ୱାମୀଙ୍କ ପାର୍ଥିବ ଶରୀରକୁ ଭୂସମାଧିସ୍ଥ କରାଗଲା । ଏହା ପରଠାରୁ ଏହି ପବିତ୍ର ସ୍ଥାନରେ ପୂଜାର୍ଚ୍ଚନାଦି କାର୍ଯ୍ୟମାନ ସାଧୁଭକ୍ତମାନଙ୍କ ଦ୍ୱାରା କରାଯାଉଛି । ଅଧୁନା ଏହି ପବିତ୍ର ମାଟିରେ ନିର୍ମାଣ କରାଯାଇଛି ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ଗାଦି ମନ୍ଦିର । ଯାହାକି ଅନନ୍ୟ ବ୍ରହ୍ମ କ୍ଷେତ୍ର ରୂପେ ପରିଚିତ ହୋଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଜଗତ ଭକତ, ଦର୍ଶନାର୍ଥୀଙ୍କ ଆଧ୍ୟାତ୍ମିକ ଅନ୍ତରକୁ ଶତ ପୁଲକିତ କରୁଅଛି । ■

ସମ୍ପାଦକ "ତପୋବନ"
ଅଦ୍ୱୈତ ନିବାସ, ଅମଲାପଡ଼ା
ଢେଙ୍କାନାଳ





# ଶୂନ୍ୟବାଦର ପ୍ରତୀକ ମହିମାଧର୍ମ

ବ୍ରହ୍ମ ଉପାସନା ଉପରେ ପର୍ଯ୍ୟବେସିତ ମହିମାଧର୍ମ ବିଶ୍ୱ ଇତିହାସର ଆଧ୍ୟାତ୍ମିକ ପ୍ରେକ୍ଷାପଟରେ ଅଦ୍ୱୈତବାଦ ଓ କ୍ରାନ୍ତିକାରୀ ଧର୍ମ ଭାବେ ପରିଚିତ । ବିଶ୍ୱପିତା ପ୍ରବୁଦ୍ଧ ଗୁରୁ ମହିମାସ୍ୱାମୀ ମୁକ୍ତିର ପସରା ଧରି ମହାନିତ୍ୟ ଧାମରୁ ଆସି ମହିମାଧର୍ମର ପ୍ରଚାର ଓ ପ୍ରସାରର ମୁଖ୍ୟ ସାରଥି ସାଜିଥିଲେ । ମହିମାସ୍ୱାମୀଙ୍କ ସମାଧିସ୍ଥଳ ମହିମାଗାଦି ବା ମହିମାଧାମ ରୂପେ ବିଶ୍ୱବିଖ୍ୟାତ ହୋଇଛି । ମହିମାସ୍ୱାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାଘ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ୧୮୭୬ ମସିହାରୁ ବିରାଟ ମେଳା ଅନୁଷ୍ଠିତ ହୋଇଆସୁଛି । ଯୋରନ୍ଦା ପୀଠର ମାହାତ୍ମ୍ୟକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

ବିମଳ କୃଷ୍ଣ ଥମ୍ବ, ଭୁବନେଶ୍ୱର

## ଧୂନି ମନ୍ଦିର

ଧୂନି ମନ୍ଦିର ମହିମା ଗାଦିର ଏକ ପ୍ରମୁଖ ଧାର୍ମିକସ୍ଥଳୀ ଅଟେ । ଏଠାରେ ଅହରହ ଅଖଣ୍ଡ ଧୂନି ଜଳୁଛି । ଏକ ବଡ଼ କାଠରେ ଅଗ୍ନି ସଂଯୋଗ କରାଯାଇଥାଏ ଯାହାକି ଦିବାନିଶି ଜଳିଥାଏ । ସେଠାରେ ଶ୍ରଦ୍ଧାଳୁମାନେ ଘୃତ ଓ ନଡ଼ିଆ ଅର୍ପଣ କରନ୍ତି । ଏଠାରେ ଶୂନ୍ୟବ୍ରହ୍ମଙ୍କଠାରେ ଅହ୍ଲୁଣିଆ ଭୋଗ ଲାଗି କରାଯାଏ । ଗୁଡ଼ରେ ପ୍ରସ୍ତୁତ ବୁନ୍ଦିଆ ଭୋଗ ପ୍ରସ୍ତୁତ କରାଯାଇଥାଏ । ମହିମାସ୍ୱାମୀ ମୂର୍ତ୍ତି ପୂଜାର ଘୋର ବିରୋଧୀ ଥିଲେ । ମହିମା ଧର୍ମାବଲମ୍ବୀମାନେ ଶୂନ୍ୟକୁ ଆରାଧନା କରିବା ସହ ବ୍ରହ୍ମକୁ ଉପାସନା କରିଥାନ୍ତି ।

## ଜୀବନଚର୍ଯ୍ୟା

ମହିମା ସନ୍ନ୍ୟାସୀଙ୍କ ଜୀବନଚର୍ଯ୍ୟା ବେଶ୍ ସରଳ ଓ ନିରାଡ଼ମ୍ବର । ସେମାନେ ରାତି ୩ଟାରୁ ୪ଟା ମଧ୍ୟରେ ଶଯ୍ୟାତ୍ୟାଗ କରନ୍ତି । ସ୍ନାନଶୌଚାଦି ସାରି ଗାଦି ମନ୍ଦିରରେ ଶରଣ ଦର୍ଶନ କରିଥାନ୍ତି । ସେମାନେ ସମ୍ପୂର୍ଣ୍ଣ ଶାକାହାରୀ ହୋଇଥିବା ବେଳେ ମୁଖ୍ୟତଃ ଉଷୁନା ଚାଉଳର ଭାତ ଖାଇଥାନ୍ତି । ମହିମା ସନ୍ନ୍ୟାସୀ ଦୁଇ ପ୍ରକାର । କୌପିନଧାରୀ ଓ ବଲ୍‌କଲଧାରୀ । ବଲ୍‌କଲଧାରୀ ସନ୍ନ୍ୟାସୀମାନେ କୁମ୍ଭୀ ଗଛର ପଟ (ଛାଲି)କୁ ବସ୍ତ୍ର ଭାବେ ବ୍ୟବହାର କରନ୍ତି । ତେଣୁ ଗାଁଗହଳିରେ ସେମାନଙ୍କୁ କୁମ୍ଭୀ ପେଟୁଆ ବାବାଜୀ କହିଥାନ୍ତି । ଶୀତଦିନେ ସେମାନେ କୌଣସି କମ୍ବଳ କି ଶୀତ ବସ୍ତ୍ର ବ୍ୟବହାର କରନ୍ତି ନାହିଁ । ଧୁନି ସ୍ଥାପନା କରି ବେଶ୍ ଆରାମରେ ଶୋଇଥାନ୍ତି । କୌପିନଧାରୀ ହୁଅନ୍ତୁ କି ବଲ୍କଲଧାରୀ ସନ୍ନ୍ୟାସୀ ସେମାନଙ୍କ ଦେହରେ ଦୁଇଟି ଖଣ୍ଡ ବସ୍ତ୍ର ଅବା ବଲ୍‌କଲ ବସ୍ତ୍ର ରହିଥାଏ । ସମସ୍ତଙ୍କ ବସ୍ତ୍ର ଗୈରିକ ବର୍ଣ୍ଣ ହୋଇଥାଏ । ଏହି ମହିମା ସନ୍ନ୍ୟାସୀମାନେ ସୂର୍ଯ୍ୟାସ୍ତ ପରେ କୌଣସି ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ତା'ର ପ୍ରମୁଖ କାରଣ ହେଉଛି, ରାତିରେ ଖାଦ୍ୟ ଖାଇଲେ ତାହା ଶୀଘ୍ର ହଜମ ହୋଇ ନ ଥାଏ । ଏପରିକି ଶୀଘ୍ର ନିଦ ଗଲେ ସେମାନେ ଭୋରରୁ ଉଠିଥାନ୍ତି । ଏହାର ବୈଜ୍ଞାନିକ ସମ୍ମତ କାରଣ ବି ରହିଛି ।




## ମହିମା ମେଳା

ମହିମା ମେଳା ମାଘ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମୀ ଦୁଇ ଦିନ ଧରି ମୁଖ୍ୟ ମେଳା ଅନୁଷ୍ଠିତ ହୁଏ । ଏହି ଦୁଇ ଦିନ ସନ୍ଧ୍ୟାରେ ଲାଗୁଥିବା ଝାଡ଼ଦୀପ ମୁଖ୍ୟ ଆକର୍ଷଣ । ଲକ୍ଷାଧିକ ଲୋକଙ୍କ ସମାବେଶ ହୋଇଥାଏ । ତେବେ ଏହି ଯାତ୍ରା ଆଉ ୩/୪ ଦିନ ଆଗକୁ ଚାଲିଥାଏ । କାରଣ ମେଳା ସମୟରେ ସେଠାରେ ଛୋଟ ବଡ଼ ଦୋକାନ ତଥା ମନୋହରୀ ସାମଗ୍ରୀର ବିପଣୀ ଖୋଲିଥାଏ । ତେଣୁ ଆଖପାଖ ଗ୍ରାମର ଲୋକଙ୍କ ଚଳପ୍ରଚଳ ଲାଗି ରହିଥାଏ । ଏହି ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୁଏ । ସବୁଠୁ ବଡ଼ କଥା ହେଉଛି ରାଜ୍ୟ ତଥା ରାଜ୍ୟ ବାହାର ଏପରିକି ବିଦେଶୀଙ୍କ ସମାଗମ ହୋଇଥାଏ । ବିଶେଷ କରି ନେପାଳ, ଫ୍ରାନସ, ଇଂଲଣ୍ଡ, ଆମେରିକା ଓ ଇଟାଲୀର ପର୍ଯ୍ୟଟକ ଯୋରନ୍ଦା ମେଳାକୁ ଆସିବା ଲକ୍ଷ୍ୟ କରାଯାଇଛି ।

## ଯୋରନ୍ଦା ମହିମା ଗାଦିର ହେବ ନବକଳେବର

ଯୋରନ୍ଦା ମହିମା ଗାଦିର ବିକାଶ ଓ ତା'ର ନବକଳେବର ପାଇଁ ରାଜ୍ୟ ସରକାରଙ୍କ ଭୂମିକା କୌଣସି କ୍ଷେତ୍ରରେ କମ୍ ନୁହଁ । ଏହାର ବିକାଶ ପାଇଁ ରାଜ୍ୟ ସରକାର ୧୧୨ କୋଟି ଟଙ୍କା ବ୍ୟୟ କରିବେ । ଡିସେମ୍ବର ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋରନ୍ଦା ଯାଇ ନବୀକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି । '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କିଛି ମାସ ତଳେ ଯୋରନ୍ଦା ଗସ୍ତରେ ଯାଇଥିବା ବେଳେ ଅଞ୍ଚଳବାସୀ ତଥା ସାଧୁସନ୍ଥମାନଙ୍କର ଗୋଟିଏ ଦାବିଥିଲା ମହିମା ଗାଦିର ବିକାଶ । ଶ୍ରୀ ପାଣ୍ଡିଆନ ସେଠାରେ ଦେଇଥିବା ପ୍ରତିଶ୍ରୁତି ଆଜି ସାକାର ହେବାକୁ ଯାଉଛି । ଆସନ୍ତା ୩ ବର୍ଷ ଭିତରେ ଏହି ନବୀକରଣ କାର୍ଯ୍ୟ ସମ୍ପନ୍ନ ହେବ ।

ଢେଙ୍କାନାଳ ସହରଠାରୁ ୨୪ କିମି ଦୂରରେ ଯୋରନ୍ଦା ପୀଠ ଅବସ୍ଥିତ । ଏହା ହେଉଛି ମହିମା ଗୋସେଇଁଙ୍କ ସମାଧି ପୀଠ । ତାଙ୍କର ସମାଧିସ୍ଥଳ ଗାଦି ମନ୍ଦିର ଭାବେ ଜଣାଶୁଣା ।



## ଗାଦି ମନ୍ଦିର

ଗାଦି ମନ୍ଦିରରେ ଶୂନ୍ୟବ୍ରହ୍ମଙ୍କୁ ଭକ୍ତମାନେ ଉପାସନା କରିଥାନ୍ତି । ଏହା ହେଉଛି ପୀଠର ମୁଖ୍ୟ ମନ୍ଦିର । ଏହି ମନ୍ଦିରରେ କୌଣସି ମୂର୍ତ୍ତି ପୂଜା ପାଉନାହାନ୍ତି । ଏହାକୁ ଅମୁଁହା ଦେଉଳ ବୋଲି କୁହାଯାଏ । ଏହି ମନ୍ଦିର ଦୁଇଟି ବେଢ଼ା ମଧ୍ୟରେ ରହିଛି । ପ୍ରଥମ ବେଢ଼ାକୁ କେବଳ ନୀତିସେବକ ସନ୍ନ୍ୟାସୀଙ୍କ ପ୍ରବେଶ ରହିଛି । ଦ୍ୱିତୀୟ ବେଢ଼ାରେ ଝାଡ଼ଦୀପ ପ୍ରଜ୍ୱଳନ ହୁଏ । ଚାରି ଦ୍ୱାରରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣମୀରେ ଘୃତ ଝାଡ଼ଦୀପ ପ୍ରଜ୍ୱଳନ କରାଯାଏ । ମହିମାସ୍ୱାମୀଙ୍କ ବିଭିନ୍ନ ଛତ୍ର, ସୁନାରୁପା ଅଳଙ୍କାର, ଅଢ଼େଣୀ ମକର ଦ୍ରୋଣ ଓ ତରାସ ଆଦି ପ୍ରଦର୍ଶନର ଏକ ସ୍ଥାନ ମଧ୍ୟ ସେଠାରେ ରହିଛି । ନୀତିସେବକ ସନ୍ନ୍ୟାସୀମାନଙ୍କ ପାଇଁ ଏକ ଭଣ୍ଡାର ଗୃହ ରହିଛି, ଯେଉଁଠି ଘୃତ ଓ ନାରିକେଳ ରଖିବା ବ୍ୟବସ୍ଥା ହୋଇଛି । ଅପରପାର୍ଶ୍ୱରେ ଢୋଲ, ତମକ ଓ ନିଶାଣର ଆଦି ବାଦ୍ୟ ରଖାଯାଇଛି । ପ୍ରଥମ ବେଢ଼ାକୁ ପ୍ରବେଶ ଅଧିକାର ପାଇଥିବା ନୀତି ସେବକ ସନ୍ନ୍ୟାସୀମାନେ ସେଠାରେ ତ୍ରିସନ୍ଧ୍ୟା ପୂଜା କରିଥାନ୍ତି । ବ୍ରାହ୍ମ ମୁହୂର୍ତ୍ତରେ ମନ୍ଦିର ଚତୁଃପାର୍ଶ୍ୱରେ ଗୋମୟ ଜଳ ସିଞ୍ଚନ କରାଯାଇ ଶୋଧନ କରାଯାଏ । ସେଠାରେ ମହିମା ସନ୍ନ୍ୟାସୀମାନେ ଆରାଧନା କରିବା ସହିତ ଶରଣ ଦର୍ଶନ କରନ୍ତି । ପୂର୍ବ ଦିଗକୁ ମୁହଁକରି ଶତବାର ସାଷ୍ଟାଙ୍ଗ ପ୍ରଣାମ କରିବା ସହ ଗୁରୁ ବନ୍ଦନା ଓ ଆଠ ଭଜନ ଗାଇଥାନ୍ତି । ଦ୍ୱିପ୍ରହର ୧୨ଟା ବେଳେ ଶରଣ ଦର୍ଶନ ନୀତି ସମ୍ପନ୍ନ ହୁଏ । ଅପରାହ୍ଣ ୪ଟାରେ ନୀତିସେବକ ସନ୍ନ୍ୟାସୀମାନେ ସୂର୍ଯ୍ୟ ଅସ୍ତ ପୂର୍ବରୁ ସମୂହ ଭାବେ 'ମହା ମହିମା ଅଲେଖ' ଧ୍ୱନି ଦେଇ ଶରଣ ଦର୍ଶନ କରିଥାନ୍ତି । ସେତେବେଳେ ପଶ୍ଚିମ ଦିଗକୁ ପଞ୍ଚବାର ସାଷ୍ଟାଙ୍ଗ ପ୍ରଣାମ କରିଥାନ୍ତି ।



"ମହିମାଧର୍ମକୁ ଉଜ୍ଜୀବିତ ରଖିଛି ଭୀମଭୋଇଙ୍କ କବିତା"

ସାମାଜିକ ବିପ୍ଳବର ବାର୍ତ୍ତାବହ ହେଉଛନ୍ତି ସନ୍ଥକବି ଭୀମଭୋଇ । ଊନଂବିଶ ଶତାବ୍ଦୀର ମଧ୍ୟ ଭାଗରେ ମହାନ ସନ୍ଥକବି ଭୀମଭୋଇ ତାଙ୍କର କାଳଜୟୀ ରଚନା ମାଧ୍ୟମରେ ଲୋକଲୋଚନକୁ ଆସିଥିଲେ । ଗୁରୁ ମହିମାସ୍ୱାମୀଙ୍କ ଆଶୀର୍ବାଦ ପ୍ରାପ୍ତ ଆଦିବାସୀ ଯୁବକ ଭୀମଭୋଇ ତାଙ୍କ ରଚିତ ଭକ୍ତି ସାହିତ୍ୟ ମାଧ୍ୟମରେ ସାରା ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲେ । 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ଏ ମାର୍ମିକ ଓ କାଳଜୟୀ କବିତା ଆଜି ବି ମହିମାଧର୍ମକୁ ଉଜ୍ଜୀବିତ କରିଛି । ଭାରତୀୟ ସଂସ୍କୃତିରେ ଥିବା ଜାତିବାଦକୁ ଭୀମଭୋଇ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ ଓ ବିରୋଧ କରିଥିଲେ । ବାସ୍ତବରେ ଭୀମଭୋଇଙ୍କ ଦର୍ଶନ ଆର୍ଯ୍ୟ ସନାତନ ବୈଦିକ ଧର୍ମର ମୂଳଭିତ୍ତି ଉପରେ ହିଁ ପର୍ଯ୍ୟବେସିତ । ଏ ସମାଜର ଜାତିଗତ ବିଭେଦକୁ ପ୍ରତ୍ୟାଖ୍ୟାନ କରିବାର ମହନୀୟ ଉଦାହରଣ ସାଜିଛନ୍ତି ଭୀମଭୋଇ । ■

**ପ୍ରଦ୍ୟୁମ୍ନ ରଥ**
ସଂଯୋଜକ, ମହିମାଜ୍ୟୋତି ଯାତ୍ରା

ମହିମାସ୍ୱାମୀ ହିମାଳୟରୁ ଶ୍ରୀକ୍ଷେତ୍ର ପୁରୀକୁ ଆସିଥିଲେ । ପୁଣି ପୁରୀରୁ ଆସି ପହଞ୍ଚିଥିଲେ କପିଳାସର ତପୋବନରେ, ଯାହାକି ତାଙ୍କର ସାଧନାର ପୀଠ ହୋଇଗଲା । କପିଳାସ ପର୍ବତ ମଧ୍ୟସ୍ଥ ଏକ ବିଶାଳ ଜରିବଟ ବୃକ୍ଷ ମୂଳରେ ୨୪ ବର୍ଷ ଧରି ତପସ୍ୟାରତ ଥିଲେ । ଢେଙ୍କାନାଳ ସଦର ବ୍ଲକ୍ ନାଗିଆପଶି ପଞ୍ଚାୟତର କୃଷ୍ଣକୁମାରପୁର କାଦୁଆ ମୌଜା ଅନ୍ତର୍ଗତ ଏହି ତପୋଭୂମିକୁ ମହିମା ସ୍ୱାମୀ ନିଜର ସାଧନା ପୀଠ କରିଥିଲେ । ଢେଙ୍କାନାଳ ସହରଠାରୁ କପିଳାସ ରାସ୍ତାରେ ୧୪ କିମି ଦୂର କାଇମାଟି ଛକ ଅତିକ୍ରମ କଲାପରେ ଏହି ତପୋବନ ପୀଠ ରହିଛି । ଏହି ଅଞ୍ଚଳଟି ନାନାବିଧ ବୃକ୍ଷରାଜିରେ ପରିପୂର୍ଣ୍ଣ । ସେଠାରେ ସୁଉଚ୍ଚ ପର୍ବତମାଳା ମଧ୍ୟରେ ଚିରସ୍ରୋତା ଏକ ଝରଣା ରହିଛି । ତପୋବନ ପୀଠକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

# ମହିମାଧର୍ମର ଏନ୍ତୁଡ଼ିଶାଳ ତପୋବନ ପୀଠ



## ଅଲୌକିକ ମହିମା

୧୮୩୮ରୁ ୧୮୬୨ ମସିହା ପର୍ଯ୍ୟନ୍ତ ତପୋବନ ପୀଠରେ ମହିମାସ୍ୱାମୀ ସାଧନାରତ ଥିଲେ। ସାଧନାର ପ୍ରଥମ ୧୨ ବର୍ଷ ସେ ବାୟୁ ଓ ଫଳାହାର କରୁଥିବା ବେଳେ ପରବର୍ତ୍ତୀ ୧୨ ବର୍ଷ ସେ କ୍ଷୀରପାନ କରିଥିଲେ। ମହିମାସ୍ୱାମୀଙ୍କ ସାଧନା ସମୟରେ ଦେଓଗାଁର ସଦାନନ୍ଦ ଶବର ଉକ୍ତ ସ୍ଥାନକୁ କାଠ ସଂଗ୍ରହ କରିବାକୁ ଯାଇଥିଲେ। ସେ ସମୟରେ ସଦାନନ୍ଦ ଏକ ଅଲୌକିକ ଘଟଣା ଦେଖିବାକୁ ପାଇଲେ। ୧୫ ଫୁଟ ବ୍ୟାସ ବିଶିଷ୍ଟ ଏକ ଗୋଲାକାର ପ୍ରସ୍ତର ବେଦୀରେ ସେତେବେଳେ ମହିମାସ୍ୱାମୀ ଧ୍ୟାନରତ ଥିଲେ। ତାଙ୍କ ମସ୍ତକରେ ଏକ ସପ୍ତଫେଣୀ ନାଗ ବିରାଜମାନ କରିଥିଲା। ସଦାନନ୍ଦ ଏହା ଦେଖି ପ୍ରକୃତ ଶ୍ରୀଚନ୍ଦ୍ରଶେଖର (କପିଳାସ ଅଧିପତି)ଙ୍କୁ ସେ ଦର୍ଶନ କଲେ ବୋଲି ଭାବିଲେ। ହେଲେ ମହିମାସ୍ୱାମୀ ସଦାନନ୍ଦଙ୍କୁ ପାଖକୁ ଡାକି ଏ ସମ୍ପର୍କରେ କାହାକୁ କିଛି ନ କହିବା ପାଇଁ କହିଥିଲେ। ହେଲେ ଏ ଖବର ଢେଙ୍କାନାଳ ରାଜା ଭଗୀରଥ ମହୀନ୍ଦ୍ର ବାହାଦୁରଙ୍କ ନିକଟରେ ପହଞ୍ଚିଥିଲା। ରାଜା କପିଳାସ ଆସି ମହିମା ସ୍ୱାମୀଙ୍କ ଦର୍ଶନ କରି ଅଭିଭୂତ ହୋଇଥିଲେ। ଏପରିକି ତାଙ୍କ ନିମନ୍ତେ ୧୨ ବର୍ଷ ପାଇଁ ଗୋଦୁଗ୍ଧ ଯୋଗାଣର ବ୍ୟବସ୍ଥା କରିଥିଲେ। କେବଳ ସେତିକି ନୁହଁ, ମହିମାଧର୍ମର ପ୍ରଚାର ଓ ପ୍ରସାର ପାଇଁ ବର୍ତ୍ତମାନ ଅବସ୍ଥିତ ଯୋରନ୍ଦା ଗାଦି ପୀଠ ସ୍ଥାପନା ନିମନ୍ତେ ୭୬ ଏକର ଜମି ପ୍ରଦାନ କରିଥିଲେ। ଦୀର୍ଘ ୨୪ ବର୍ଷର ଯୋଗନିଦ୍ରା ଶେଷ କରି ୧୮୬୨ ମସିହାରେ ମହିମାସ୍ୱାମୀ ଧର୍ମ ପ୍ରଚାରରରେ ବାହାରିଥିଲେ। ତାଙ୍କର ପ୍ରଥମ ଶିଷ୍ୟ ଗୋବିନ୍ଦ ବାବାଙ୍କୁ ତପୋବନ ପୀଠରେ ମହିମା ଧର୍ମର ଉପଦେଶ ପ୍ରଦାନ କରିଥିଲେ। କପିଳାସ ତପୋବନ ପୀଠରେ ଗୋବିନ୍ଦ ବାବାଙ୍କୁ ସାଙ୍ଗରେ ଧରି ମହିମାସ୍ୱାମୀ ପଶ୍ଚିମ ଓଡ଼ିଶାର ରେଢ଼ାଖୋଲ ଅନ୍ତର୍ଗତ କାଙ୍କଣପଡ଼ା ଗ୍ରାମକୁ ଯାତ୍ରା କରି ଅନ୍ଧକବି ଭୀମଭୋଇଙ୍କୁ ଦିବ୍ୟଜ୍ଞାନ ପ୍ରଦାନ କରିଥିଲେ। ତାଙ୍କର ଶେଷ ଲୀଳା ଯୋରନ୍ଦା ଟୁଙ୍ଗୀରେ ସମ୍ପନ୍ନ ହୋଇଥିଲା। ୧୮୬୪ରେ ମହିମାସ୍ୱାମୀ ସିଦ୍ଧ ସନ୍ନ୍ୟାସୀମାନଙ୍କୁ ଦୀକ୍ଷା ଦେଇଥିଲେ। ୧୮୭୪ରେ ମହିମା ଗାଦିରେ ବ୍ରହ୍ମଧୁନି ସ୍ଥାପନ କରିଥିଲେ। ୧୮୭୬ ମସିହା ଫାଲଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ମହିମାସ୍ୱାମୀ ଶୂନ୍ୟ ପଥର ଯାତ୍ରୀ ହୋଇଥିଲେ।

## ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର

ବର୍ତ୍ତମାନ ତପୋବନ ପୀଠ ଏକ ଧର୍ମସ୍ଥଳୀ ସହିତ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି। ସେଠାରେ ବିଭିନ୍ନ ଫୁଲଫଳ ଓ ଔଷଧୀୟ ବୃକ୍ଷରାଜି ଓ ଗୁଳ୍ମଲତା ରହିଛି। ଶତାଧିକ ବର୍ଷ ଧରି ଏହି ପୀଠର ମାହାତ୍ମ୍ୟ ଲୋକଲୋଚନର ଆଢୁଆଳରେ ରହିଥିଲା। ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ କୀର୍ତ୍ତନପୁର ଗ୍ରାମର ଅଧିବାସୀ ନରୋତ୍ତମ ସିଂହଙ୍କ ପତ୍ନୀ ପ୍ରଥମେ ୧୯୮୪ ମସିହାରେ ଏହି ତପୋଭୂମିର ମାହାତ୍ମ୍ୟ ସମ୍ପର୍କରେ କୌପିନଧାରୀ ମହିମା ସମାଜର ମହାନିତ୍ୟ ସାଧୁମଣ୍ଡଳୀର ସଭାପତି ଶ୍ରୀମଦ୍ ରଘୁ ବାବାଙ୍କୁ ସୂଚନା ଦେଇଥିଲେ। ରଘୁ ବାବା କେତେକ ପ୍ରାଚୀନ ଗ୍ରନ୍ଥର ପ୍ରାମାଣ ସଂଗ୍ରହ କରି କେତେକ ଗୃହୀ ଭକ୍ତଙ୍କ ସହଯୋଗରେ ଉକ୍ତ ସ୍ଥାନକୁ ଚିହ୍ନଟ କରି ସେଠାରେ ରାତ୍ରିଯାପନ କରିଥିଲେ। ତପ୍ରରେ କୌପିନଧାରୀ ମହିମା ସମାଜର ଅଧ୍ୟକ୍ଷ ରାଜକିଶୋର ବାବା ଏବଂ ଜ୍ୟୋତିଷ ବିଶାରଦ ପରିଚାଳକ ଅବିନାଶୀ ବାବା ଏହାକୁ ପରିଦର୍ଶନ କରି ପ୍ରମାଣସିଦ୍ଧ କରିଥିଲେ।

ପ୍ରତିବର୍ଷ କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ଏଠାରେ ତପୋବନ ମେଳା ଅନୁଷ୍ଠିତ ହେଉଅଛି। ଏହି ମେଳା ହେଉଛି ଗୁରୁ-ଶିଷ୍ୟ ପରମ୍ପରାର ଏକ ପ୍ରତୀକ। ଏହି ଅବସରରେ ମନ୍ଦିରର ଚତୁଃପାର୍ଶ୍ୱରେ ୪ ଫୁଟ ଉଚ୍ଚରେ ଦୀପ ଲଗାଯାଇ ସାରା ରାତି ପ୍ରଜ୍ୱଳିତ କରି ରଖାଯାଏ।



## ଶ୍ରୀକ୍ଷେତ୍ରରୁ ମହିମା କ୍ଷେତ୍ର

ଶ୍ରୀକ୍ଷେତ୍ରରୁ ମହିମା କ୍ଷେତ୍ର ଆଜି ଏକ ଧାର୍ମିକ ଚିନ୍ତା ଓ ଚେତନାର ଏକ ଦିଗନ୍ତ ବେଷ୍ଟନୀ ପାଲଟିଛି। ଦୀର୍ଘ ବର୍ଷ ଧରି ହିମାଳୟରେ ଆତ୍ମଯୋଗ ସାଧନାରେ ବ୍ରତୀ ହୋଇ ମହିମାସ୍ୱାମୀ ୧୮୨୬ ମସିହାରେ ପୁରୀ ଆସିଥିଲେ। ପୁରୀ ବଡ଼ଦାଣ୍ଡରେ ସେ ଧୂଳିଆ ଗୋସାଇଁ ଭାବେ ଜଣାଶୁଣାଥିଲେ। ସେ ବହୁ ଅଲୌକିକ ଶକ୍ତିର ଅଧିକାରୀ ଥିଲେ। ପୁରୀ ମୁକ୍ତି ମଣ୍ଡପର ବ୍ରାହ୍ମଣମାନେ ମଧ୍ୟ ଧୂଳିଆ ଗୋସାଇଁଙ୍କ ପ୍ରତ୍ୟେକ କଥାକୁ ସୁନ୍ଦର ଭାବେ ଗ୍ରହଣ କରୁଥିଲେ। ସେହି ଧୂଳିଆ ଗୋସାଇଁ ହିଁ ହେଉଛନ୍ତି ମହିମା ସ୍ୱାମୀ।



## ଧୂଳିଆ ଗୋସାଇଁ

ଧୂଳିଆ ଗୋସାଇଁଙ୍କ ସମ୍ପର୍କରେ ବହୁ କୌତୂହଳ କିମ୍ବଦନ୍ତୀ ରହିଛି । ଆଜିକାଲି ବିଶିଷ୍ଟ ବ୍ୟକ୍ତିମାନେ ରାସ୍ତାରେ ଗଲାବେଳେ ଯେପରି କୌଣସି ବାଧାବିଘ୍ନ ନ ଘଟିବ ସେଥିପାଇଁ କିଛି ସମୟ ପାଇଁ ଏହାକୁ ଗ୍ରୀନ୍ କରିଡ଼ର୍ କରିଦିଆଯାଏ । ଠିକ୍ ସେହିପରି ପୁରୀ ଗଜପତି ମହାରାଜା ଥରେ ଅନ୍ୟତ୍ର ଗସ୍ତ କରୁଥିବା ବେଳେ ବଡ଼ଦାଣ୍ଡର ଗୋଟିଏ ପାର୍ଶ୍ୱରେ ଧୂଳିଆ ବାବା ବସିଥିଲେ । ଆଉ ତାଙ୍କର ଏକ ବ୍ୟାଗ୍ ବଡ଼ଦାଣ୍ଡ ଉପରେ ଥିଲା । ପାତ୍ରମନ୍ତ୍ରୀ ତାଙ୍କୁ କହିଥିଲେ ଯେ, ଉକ୍ତ ବ୍ୟାଗ୍‌କୁ ରାସ୍ତାରୁ ଉଠାଇ ନିଅ । ହେଲେ ସେତେବେଳେ ଧୂଳିଆ ଗୋସାଇଁ ଧ୍ୟାନସ୍ଥ ଥିବାରୁ ସେ କିଛି ଶୁଣିପାରି ନ ଥିଲେ। ଫଳରେ ରାଜାଙ୍କ ଲୋକମାନେ ଉକ୍ତ ବ୍ୟାଗ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଉଦ୍ୟମ କରି ସଫଳ ହେଲେ ନାହିଁ । ତାହା ଏତେ ଓଜନିଆ ଥିଲା ଯେ ସେଠାରୁ ଇଞ୍ଚେ ମାତ୍ର ସେମାନେ ହଲାଇ ପାରି ନ ଥିଲେ। ଶେଷରେ ହାତୀର ସହାୟତା ନିଆଯାଇଥିଲା। ହାତୀ ମଧ୍ୟ ସେ ବ୍ୟାଗ ଖଣ୍ଡକୁ ଉଠାଇ ନ ପାରି ପଛକୁ ହଟି ଯାଇଥିଲା। ଧୂଳିଆ ବାବାଙ୍କ ଧ୍ୟାନଭଙ୍ଗ ହେବାପରେ ସେ ନିଜ ବ୍ୟାଗ ଖଣ୍ଡକ ସେ ସ୍ଥାନରୁ ନିଜ ପାଖକୁ ନେଇ ଆସିଥିଲେ । ଯେଉଁ ବ୍ୟାଗ ଖଣ୍ଡକୁ ହାତୀ ଉଠାଇ ନ ପାରିଲା ତାକୁ ଜଣେ ସାଧାରଣ ଲୋକ ନିମିଷକେ ସେଠାରୁ ଉଠାଇବାକୁ ସମ୍ଭବ କିପରି ହେଲେ। ଏ କଥା ରାଜାଙ୍କଠାରୁ ଆରମ୍ଭ କରି ପାତ୍ରମନ୍ତ୍ରୀ, ଶ୍ରୀ ଜଗନ୍ନାଥଙ୍କ ସେବାୟତଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କୁ ଆନ୍ଦୋଳିତ କଲା । ସେହି ଧୂଳିଆ ଗୋସାଇଁଙ୍କ ଅଲୌକିକ ମହିମା ଚାରି ଦିଗକୁ ବ୍ୟାପ୍ତ ହେଲା। ଏହି ଧୂଳିଆ ଗୋସାଇଁ ଭୁବନେଶ୍ୱରର ଖଣ୍ଡଗିରି ଓ ଉଦୟଗିରି ଭ୍ରମଣ କରି ସେଠାରୁ ଢେଙ୍କାନାଳର କପିଳାସ ପର୍ବତକୁ ଚାଲିଯାଇ ନିଜର ସାଧନାସ୍ଥଳୀ ଭାବେ ବାଛି ନେଇଥିଲେ । ତାହା ଆଜି ତପୋବନ ନାମରେ ଖ୍ୟାତ ।



# ମାନବବାଦର ବାର୍ତ୍ତାବହ ଖଲିଆପାଲି ମହିମା ଆଶ୍ରମ

ଜିଲ୍ଲା ସଦର ମହକୁମା ସୋନପୁରଠାରୁ ପଶ୍ଚିମକୁ ମାତ୍ର ୨୨ କିଲୋମିଟର ଗଲେ ଖଲିଆପାଲି ଗ୍ରାମରେ ରହିଛି ସନ୍ଥକବି ଭୀମ ଭୋଇଙ୍କ ପବିତ୍ର ଆଶ୍ରମ ମହିମା । ଏହି ମଠ ବା ଆଶ୍ରମରେ କବିଙ୍କ ଲେଖନୀରୁ ନିସୃତ ହୋଇଥିଲା କାଳଜୟୀ ପଙ୍କ୍ତି "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ ।" ସେହି ଖଲିଆପାଲି ମହିମା ମଠକୁ ନେଇ ଏଇ ସ୍ୱତନ୍ତ୍ର ପ୍ରତିବେଦନ ।

ଧରଣୀଧର ମିଶ୍ର, ସୋନପୁର



## ସନ୍ଥକବିଙ୍କ ସିଦ୍ଧି ଭୂମି

ଖଲିଆପାଲିର ମହିମା ଆଶ୍ରମ ଥିଲା ସନ୍ଥ କବି ଭୀମଭୋଇଙ୍କ ସିଦ୍ଧି ଭୂମି । ବହୁ ସ୍ଥାନ ବୁଲିବୁଲି ଶେଷରେ କବି ଖଲିଆପାଲିକୁ ହିଁ ନିଜର ଅତି ପ୍ରିୟ ସ୍ଥାନ ବୋଲି ଗ୍ରହଣ କରି ନେଇଥିଲେ । ଭୀମଭୋଇଙ୍କ ଜନ୍ମ ତାରିଖ ଓ ସ୍ଥାନକୁ ନେଇ ଦ୍ୱନ୍ଦ୍ୱ ଥିବା ବେଳେ ଏହି କଥା ଚିରସତ୍ୟ ଯେ ଖଲିଆପାଲିରେ ହିଁ କବି ସୃଷ୍ଟି କରିପାରିଥିଲେ ବହୁ ଗ୍ରନ୍ଥ । ଏହି ପବିତ୍ର ସ୍ଥାନରେ ସମାଧିସ୍ଥ ହୋଇଥିଲେ ସନ୍ଥ କବି ଭୀମଭୋଇ । ୧୮୭୭ ମସିହାରେ ଖଲିଆପାଲିରେ ସେ ପହଞ୍ଚି ଥିଲେ । ଖଲିଆପାଲିର ତତ୍କାଳୀନ ଗୌନ୍ତିଆ ଲୋଚନ ବଗର୍ତ୍ତୀ ଭୀମଭୋଇଙ୍କୁ ଏକ ଜମି ଦାନ କରିଥିଲେ । ସେହି ଦିନ ବଗର୍ତ୍ତୀ ପରିବାରରେ ଏକ ପୁତ୍ର ସନ୍ତାନ ଜନ୍ମ ନେବାରୁ ତା'ର ନାମ ଭୀମ ବଗର୍ତ୍ତୀ ରଖାଯାଇ ଥିଲା ।

## ସନ୍ଥକବିଙ୍କ ସାହିତ୍ୟ ସର୍ଜନା

ସେହି ସମୟରେ ଭୀମଭୋଇଙ୍କୁ ବହୁ ଘାତପ୍ରତିଘାତର ଶିକାର ହେବାକୁ ପଡ଼ିଥିଲା । ତେବେ ମହିମାଧର୍ମର ପ୍ରଚାର ପ୍ରସାର ପାଇଁ ସେ କେବେ ପଛଘୁଞ୍ଚା ଦେଇ ନଥିଲେ । କବିଙ୍କ ଲେଖନୀ ଆହୁରି ସୁଦୃଢ଼ ହେଉଥିଲା । ଚାରି ଜଣ ଶିଷ୍ୟ ହରି ପଣ୍ଡା, ବସୁ ପଣ୍ଡା, ମାର୍କଣ୍ଡ ଦାସ ଏବଂ ଧର୍ମାନନ୍ଦ ଦାସଙ୍କୁ କବି ଏକ ସମୟରେ ଚାରୋଟି ଗ୍ରନ୍ଥ ଡାକୁଥିଲେ, ସେମାନେ ତାଳପତ୍ର ଉପରେ ତାହା ଲିପିବଦ୍ଧ କରୁଥିଲେ । ଓଡ଼ିଆ ସାହିତ୍ୟକୁ କବିଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି 'ସ୍ତୁତି ଚିନ୍ତାମଣି' ଏଠାରେ ପରିପ୍ରକାଶ ପାଇଥିଲା । ସେହିପରି 'ଆଦିଅନ୍ତ ଗୀତା', 'ଶ୍ରୁତି ନିଷେଧ ଗୀତା', 'ବ୍ରହ୍ମ ନିରୂପଣ ଗୀତା', 'ନିର୍ବେଦ ସାଧନା', 'ମହୀମଣ୍ଡଳ ଗୀତା', 'ଶ୍ରୀ ଚିନ୍ମୟ ବ୍ରହ୍ମଗୀତା', 'ଭଜନମାଳା' ଭଳି ଲେଖନୀ ଅତୁଳନୀୟ । ଖଲିଆପାଲିରେ ସାହିତ୍ୟ ସର୍ଜନା ଯୋଗୁଁ ସନ୍ଥ ଭୀମଭୋଇରୁ ସନ୍ଥ କବି ଭୀମଭୋଇ ପାଲଟି ଯାଇଥିଲେ ।

## କବି ଏବଂ ଅନୁଗାମୀଙ୍କ ସମାଧି

ଖଲିଆପାଲି ଭୀମଭୋଇ ଆଶ୍ରମ ହେଉଛି ମହିମାଧର୍ମର ପ୍ରାଣକେନ୍ଦ୍ର । ମନ୍ଦିରମାଳିନୀ ସୋନପୁର ଜିଲ୍ଲାର ଶୋଭା ଦ୍ୱିଗୁଣିତ କରୁଛି ଭୀମଭୋଇଙ୍କ ସମାଧି ପୀଠ । ଗେରୁଆ ରଙ୍ଗରେ ମୁଖ୍ୟ ମନ୍ଦିର ସହ ଅନ୍ୟାନ୍ୟ ସମସ୍ତ ମନ୍ଦିରକୁ ଚିତ୍ରିତ କରାଯାଇଛି । ଏକ ମନୋରମ ପରିବେଶ ମଧ୍ୟରେ ରହିଛି ଖଲିଆପାଲିର ମହିମା ଆଶ୍ରମ । ରଙ୍ଗ ବେରଙ୍ଗର ଫୁଲରେ ଭର୍ତ୍ତି ହୋଇଛି ଆଶ୍ରମ ପରିସର ବଗିଚା । ଏହି ଆଶ୍ରମରେ ରହିଛି ଭୀମଭୋଇଙ୍କ ସମାଧି ମନ୍ଦିର । ମୁଖ୍ୟ ମନ୍ଦିରର ପଛ ପାଖରେ ରହିଛି ଏକ ଶୂନ୍ୟ ମନ୍ଦିର । ମହିମା ଧର୍ମାବଲମ୍ବୀମାନେ ମୁଖ୍ୟତଃ ମୂର୍ତ୍ତି ପୂଜାରେ ବିଶ୍ୱାସ ନକରି ଶୂନ୍ୟ ପରଂବ୍ରହ୍ମଙ୍କ ଉପାସନା କରିଥାନ୍ତି । ତେଣୁ ଏହି ଶୂନ୍ୟ ମନ୍ଦିରରେ ଶୂନ୍ୟ ବ୍ରହ୍ମଙ୍କୁ ଆଳତି କରାଯାଏ । ମନ୍ଦିରରେ ସକାଳ ଏବଂ ସନ୍ଧ୍ୟାରେ ଆୟୋଜିତ ହୁଏ ସ୍ୱତନ୍ତ୍ର ଆଳତି । ସନ୍ଥ ଭୀମଭୋଇ ୧୮୯୫ ମସିହା ମହାଶିବରାତ୍ରି ଦିନ ୪୫ ବର୍ଷ ବୟସରେ ଏହି ସ୍ଥାନରେ ଇହଲୀଳା ସମ୍ବରଣ କରିଥିଲେ । ଖଲିଆପାଲିରେ ସନ୍ଥ ଭୀମଭୋଇଙ୍କ ସମାଧି ମନ୍ଦିର ରହିଛି । ମହିମା ଆଶ୍ରମ ପରିସରରେ ଭୀମଭୋଇଙ୍କ ପରମ ଶିଷ୍ୟ ହରି ପଣ୍ଡା ଓ ବସୁ ପଣ୍ଡାଙ୍କ ସମାଧି ମଧ୍ୟ ଏଇଠି ରହିଛି । ଏହାଛଡ଼ା କପିଳେଶ୍ୱର ବାବୁ, ମାତା ଶ୍ରୀୟା କୁମାରୀ, ଲାବଣ୍ୟବତୀଙ୍କ ସମାଧି ମନ୍ଦିର ରହିଛି ।

## ସମାଧି ମନ୍ଦିରର ରୀତିନୀତି

ସନ୍ଥ କବି ଭୀମଭୋଇଙ୍କ ବ୍ୟବହୃତ କଠଉକୁ ଏଠାରେ ପୂଜା କରାଯାଏ । ପାଦୁକା ସେବା ପାଇଁ ଏଠି ରହିଛି ସ୍ୱତନ୍ତ୍ର ମନ୍ଦିର । ସନ୍ଥ ଭୀମଭୋଇଙ୍କ ପାଦୁକା ପୂଜା ପାଇଁ ମଠରେ ରହିଛି ସ୍ୱତନ୍ତ୍ର ନୀତିନିୟମ । ପ୍ରାତଃ ୪ଟାରେ ପାଦୁକା ଆଳତି ଅନୁଷ୍ଠିତ ହୁଏ, ସକାଳ ୬ଟାରେ କ୍ଷୀର ଭୋଗ କରାଯାଏ, ମଧ୍ୟାହ୍ନରେ ଅନ୍ନ ଭୋଗ ଏବଂ ଠିକ୍ ସୂର୍ଯ୍ୟାସ୍ତ ପୂର୍ବରୁ ଫଳମୂଳ, ଉଖୁଡ଼ା ଆଦି ପୂଜା କରାଯାଏ । ସନ୍ଧ୍ୟା ସମୟରେ ପାଦୁକା ମନ୍ଦିରରେ ଆଳତି କରାଯାଏ । ବର୍ଷରେ ମାତ୍ର ଦୁଇ ଦିନ ମାଘ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମାରେ ଖୋଲାଯାଏ ମୁଖ୍ୟ ସମାଧି ମନ୍ଦିର । ରାଜ୍ୟ ତଥା ରାଜ୍ୟ ବାହାରୁ ଖଲିଆପାଲିକୁ ଛୁଟି ଆସନ୍ତି ଲକ୍ଷାଧିକ ଲୋକ । ସନ୍ଥ ଭୀମଭୋଇଙ୍କ ସମାଧି ଦର୍ଶନ କରନ୍ତି ଶ୍ରଦ୍ଧାଳୁ । ଏଠି ଏକ ମେଳା ଲାଗେ, ଏହାକୁ ମାଘମେଳା କୁହାଯାଏ । ବିବାହ, ବ୍ରତ ପାଇଁ ଦରକାର ହେଉଥିବା ସମସ୍ତ ସାମଗ୍ରୀ ଏହି ମେଳାରେ ମିଳିଥାଏ ।

## ମଠ ପରିସରର ସଂଗ୍ରହାଳୟ

ମହିମା ମଠ ପରିସରରେ ରହିଛି ଏକ ସୁନ୍ଦର ସଂଗ୍ରହାଳୟ ଏବଂ ପାଠାଗାର । ଏହି ସଂଗ୍ରହାଳୟରେ କବିଙ୍କ ରଚିତ ବହୁ ତାଳପତ୍ର ପୋଥି ରହିଛି । ଭୀମଭୋଇ ବ୍ୟବହାର କରୁଥିବା ବହୁ ସାମଗ୍ରୀ ମଧ୍ୟ ଏଠି ସଜ୍ଜିତ କରି ରଖାଯାଇଛି । ପୁସ୍ତକ ଆକାରରେ ପରିପ୍ରକାଶ ପାଇଥିବା ବହୁ କାବ୍ୟ, କବିତା ଆଦି ଏହି ପାଠାଗାରରେ ରହିଛି । 'ସ୍ତୁତି ଚିନ୍ତାମଣି', 'ଆଦିଅନ୍ତ ଗୀତା', 'ବ୍ରହ୍ମ ନିରୂପଣ ଗୀତା' ଆଦି କବିଙ୍କ ରଚିତ ଗ୍ରନ୍ଥ ପାଠାଗାରରେ ଉପଲବ୍ଧ ।

## ଭଜନ ମଣ୍ଡପ

ମଠ ପରିସରରେ ରହିଛି ଏକ ଭଜନ ମଣ୍ଡପ । ସନ୍ଧ୍ୟା ହୋଇଗଲେ ଏହି ଭଜନ ମଣ୍ଡପରୁ ଗୁଞ୍ଜରି ଆସେ ସନ୍ଥକବିଙ୍କ ଭଜନାବଳୀ । ଖଞ୍ଜଣିର ତାଳେ ତାଳେ ଭକ୍ତିମୟ ପରିବେଶ ସୃଷ୍ଟି କରିଦିଅନ୍ତି ମହିମା ଧର୍ମାବଲମ୍ବୀ ସାଧୁସନ୍ଥମାନେ । ଭଜନ ମଣ୍ଡପର କାନ୍ଥରେ ବି ଶୋଭା ପାଉଛି ସନ୍ଥ କବିଙ୍କ ରଚନାବଳୀର ମୁଖ୍ୟାଂଶ । ସୂର୍ଯ୍ୟାସ୍ତ ସମୟରେ ଏଠି ରହୁଥିବା ମହିମା ସନ୍ଥମାନଙ୍କ ସୂର୍ଯ୍ୟ ନମସ୍କାରର ଦୃଶ୍ୟ ଖୁବ୍ ମନଲୋଭା ।

## ମାନବବାଦର ମନ୍ତ୍ର ପ୍ରଚାର କରେ ମହିମା ମଠ

ଖଲିଆପାଲି ମହିମା ମଠ ଏଭଳି ଏକ ସ୍ଥାନ, ଯେଉଁଠି ଯିଏ ବି ଅବସ୍ଥାନ କରନ୍ତି, ସେ ସନ୍ଥ ଭୀମ ଭୋଇଙ୍କ ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ମାନବବାଦର ମନ୍ତ୍ର ପ୍ରଚାର କରନ୍ତି । ଭୀମଭୋଇଙ୍କ ଜଣେ ଅନୁଗାମୀ ହେଉଛନ୍ତି ଖଲିଆପାଲି ମହିମା ମଠର ତତ୍ତ୍ୱାବଧାରକ ବାବା ସନ୍ନ୍ୟାସୀ ଦାସ । ନୀତି ସୁପରିଚାଳନା ସହ ସେ ମାନବ ସେବାରେ ସର୍ବଦା ନିଜକୁ ନିୟୋଜିତ ରଖନ୍ତି । ଖଲିଆପାଲି ମଠରେ ଅବସ୍ଥାନ କରୁଥିବା ନାବାଳକ ସନ୍ନ୍ୟାସୀମାନଙ୍କୁ ନିଜ ପୁତ୍ର ଭଳି ସେ ସେବା କରନ୍ତି । ଦୀକ୍ଷା ଗ୍ରହଣ କରି ଖଲିଆପାଲି ମଠରେ ଅବସ୍ଥାନ କରୁଥିବା ତିନି ଜଣ ନାବାଳକଙ୍କୁ ବାପାମା' ଭଳି ସେବା କରନ୍ତି ବାବା । ବାବା ଯୋଗାନନ୍ଦ (୧୬ବର୍ଷ), ବାବା ଚୈତନ୍ୟ (୧୨ ବର୍ଷ) ଏବଂ ଜିତୁ ବାବା (୧୪ ବର୍ଷ )ଙ୍କୁ ଶୌଚ, ଖାଦ୍ୟ ଗ୍ରହଣ, ଶୟନ ସମସ୍ତ କାମରେ ନିଜର ସନ୍ତାନ ଭଳି ସେ ସହାୟତା ଯୋଗାନ୍ତି । ପରିବାରଠାରୁ ଦୂରରେ ଥାଇ ମଧ୍ୟ ଖଲିଆପାଲି ମଠକୁ ନିଜର ଘର ଭଳି ଏମାନେ ଭାବନ୍ତି । ମାତ୍ର ୧୮ ବର୍ଷ ବୟସରେ ନିଜ ଘରଦ୍ୱାର ଛାଡ଼ି ଖଲିଆପାଲି ମଠକୁ ଚାଲି ଆସିଥିଲେ ସନ୍ନ୍ୟାସୀ ଦାସ । ଦୀର୍ଘ ୧୭ବର୍ଷ ହେଲା ମଠର ବିଭିନ୍ନ ନୀତି ଓ ପୂଜା ସହ ସେ ଜଡିତ । ତାଙ୍କୁ ବର୍ତ୍ତମାନ ୩୫ ବର୍ଷ । ମଠର ମୁଖ୍ୟ ତତ୍ତ୍ୱାବଧାରକ ଭାବେ ସମସ୍ତ କାମକୁ ସେ ସୁଚାରୁ ରୂପେ ସମ୍ପାଦନ କରନ୍ତି । କମ୍ ବୟସର ବାଳକ ଏମାନେ, ଘରଦ୍ୱାର ଛାଡ଼ିକି ଆସିଛନ୍ତି । ଯଦି ଏମାନଙ୍କ ଉଚିତ ସେବା କରାନଯିବ ମଠରେ ରହି ପାରିବେନି ବୋଲି କହିଛନ୍ତି ବାବା ସନ୍ନ୍ୟାସୀ । ସେହିପରି ମହିମା ମଠରେ ରହୁଥିବା ୨୨ଜଣ ସାଧୁ ମଠର ନୀତିକାନ୍ତି ସହ ଗୋସେବାରେ ନିୟୋଜିତ ଅଛନ୍ତି ।

ଖଲିଆପାଲି ମହିମା ମଠକୁ ନିଜର ପବିତ୍ର କ୍ଷେତ୍ର ବୋଲି ଗ୍ରହଣ କରି ନେଇଛନ୍ତି ଦେଶ ବିଦେଶର ମହିମା ଧର୍ମାବଲମ୍ବୀମାନେ । ମାଘ ମେଳା ସମୟରେ ରାଜ୍ୟ ତଥା ରାଜ୍ୟ ବାହାରର ସାଧୁ ସନ୍ଥଙ୍କ ଏହି ମଠରେ ଭିଡ଼ ଜମେ । ସମାଜରେ ହିଂସା, ଦ୍ୱେଷ ଆଦି ବଢ଼ି ଚାଲିଥିବା ବେଳେ ବିଶ୍ୱ ମାନବବାଦର ମନ୍ତ୍ର ବୁଣେ ଖଲିଆପାଲି ମହିମା ମଠ ।

କାମାକ୍ଷାନଗରର ପ୍ରାଚୀନ ନାମ ମଢ଼ି । ମଢ଼ି ନାମକରଣକୁ ନେଇ ବିଭିନ୍ନ କଥା ରହିଛି । ତେବେ ମହିମାଧର୍ମ ଇତିହାସରେ ଏହାକୁ ନେଇ ରହିଛି କିଛି ଅଲଗା ରହସ୍ୟ । କାମାକ୍ଷାନଗର ସହରରୁ ଢେଙ୍କାନାଳ ଯିବା ବାଟରେ ସହରର ପ୍ରବେଶପଥରେ ଅବସ୍ଥିତ ମହିମାସ୍ୱାମୀ ପୀଠ । ବିଶାଳ ମନ୍ଦିର ଓ ମହିମାଧର୍ମ ଇତିହାସର ଗାଥା ବହନ କରୁଛି ଏହି କାମାକ୍ଷାନଗରର ମହିମା ଟୁଙ୍ଗି । ଏହି ଟୁଙ୍ଗି ଅନେକ ସାଧୁ, ସନ୍ନ୍ୟାସୀଙ୍କ ଭକ୍ତି, ନିଷ୍ଠା ଏବଂ ମହିମାଧର୍ମର ଐତିହ୍ୟକୁ ସାର୍ବଜନୀନ କରୁଛି । ଏହି ପୀଠର ମାହାତ୍ମ୍ୟକୁ ନେଇ ଏଇ ସ୍ୱତନ୍ତ୍ର ରିପୋର୍ଟ ।

## ଦିନକୁ ଦୁଇଥର ନୀତି

ଗଜେନ୍ଦ୍ର ବାବାଙ୍କ ଅନ୍ତେ ୨୦୦୧ ମସିହାରୁ ଆଜି ପର୍ଯ୍ୟନ୍ତ ଖଗେଶ୍ୱର ଦାସ ବାବା କାମାକ୍ଷାନଗର ମହିମା ଟୁଙ୍ଗି ଓ ଆଶ୍ରମ ର ପରିଚାଳନା କରି ଆସୁଛନ୍ତି । ଶିଷ୍ୟ ଅପର୍ତ୍ତି ଦାସ ବାବାଙ୍କ ଅନୁଗାମୀ ଭାବେ ନୀତିକାନ୍ତିଠାରୁ ଆରମ୍ଭ କରି ବିଭିନ୍ନ ପୂଜା, ମେଳା ଓ ମହୋତ୍ସବରେ ବାବାଙ୍କୁ ସାହାଯ୍ୟ କରିଥାନ୍ତି । କାମାକ୍ଷାନଗର ମହିମା ଟୁଙ୍ଗିରେ ଦିନକୁ ଦୁଇଥର ନୀତି ହୋଇଥାଏ । ଏହି ମହିମା ଟୁଙ୍ଗିରେ ମାଘ ସପ୍ତମୀ ଓ ଭାଦ୍ରବ ଶୁକ୍ଲପକ୍ଷ ପଞ୍ଚମୀ ରେ ନବାହ୍ନ ଭୋଗ ପାଇଁ ଆୟୋଜିତ ମେଳା ଖୁବ୍ ଧୁମଧାମ୍‌ରେ ପାଳିତ ହୁଏ ।





## ମନୋରମ ପରିବେଶ

ଏବେ ମୁଖ୍ୟ ମନ୍ଦିର ପାଖରେ ୮୦ ଡେସିମିଲ ଜାଗାରେ ଚାରି ବଖରା ମାଟି ଘର ଓ ଦୁଇ ବଖରା ଛାତ ଘରକୁ ନେଇ ଆଶ୍ରମ ପରିଚାଳିତ ହେଉଅଛି ।

୧୮୭୫ ମସିହାରୁ ବଡ଼ କୃପାସିନ୍ଧୁ ବାବାଙ୍କ ମଠ ମଧ୍ୟ ଏହି ପରିସରରେ ଶୋଭା ପାଇ ଆସୁଅଛି । ଆଶ୍ରମ ପରିସରରେ ଏକ ଖୋଲାକୂଅ ସହ ନଡ଼ିଆ, ଆମ୍ବ, ପିଜୁଳି, ଅଁଳା, ଲେମ୍ବୁ ଇତ୍ୟାଦି ବୃକ୍ଷ ପରିବେଶକୁ ଅତ୍ୟନ୍ତ ମନ ମୁଗ୍ଧକର କରାଉଛି । ଯାହା ଏଠାକୁ ଆସୁଥିବା ଭକ୍ତ ଓ ଦର୍ଶନାର୍ଥୀଙ୍କ ପାଇଁ ଆଉ ଏକ ପୁରୁଣା କୀର୍ତ୍ତିକୁ ଦେଖିବାର ସୁଯୋଗ ଆଣି ଦେଉଛି ।

# ମହିମାଧର୍ମର ଇତିହାସ ବଖାଣେ

# ମଢ଼ିର ମହିମା ଆଶ୍ରମ

ରିତେଶ ବ୍ରହ୍ମା, କାମାକ୍ଷାନଗର

## ଚାଳଛପର ଘରେ ଟୁଙ୍ଗି ନିର୍ମାଣ

ଅଲେଖ ମହିମାଧର୍ମର ପ୍ରତିଷ୍ଠାତା ମହିମାସ୍ୱାମୀ ୧୮୭୪ ମସିହାରେ କାମାକ୍ଷାନଗର (ମଢ଼ିଗ୍ରାମ )ରେ ପହଞ୍ଚିଥିଲେ । ସେତେବେଳେ ସେ ମହିମାଧର୍ମର ଉପାସନା ପାଇଁ ସ୍ଥାନୀୟ ଗାଁ ମୁଣ୍ଡରେ ଏକ ଚାଳଛପର ଘରେ ଏକୋଇଶ ହାତର ଏକ ଟୁଙ୍ଗି ନିର୍ମାଣ କରିଥିଲେ । ଯେଉଁଠି ସେ ଫାଲ୍‌ଗୁନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ଧୁନି ସ୍ଥାପନା କରି ମହିମାଧର୍ମର ଅୟମାରମ୍ଭ କରିଥିଲେ। କିଛିଦିନର ରହଣି ପରେ ମହିମା ସ୍ୱାମୀ ଭକ୍ତମାନଙ୍କୁ ନେଇ ମଢ଼ି ଅଞ୍ଚଳର ବିଭିନ୍ନ ଗାଁ ବୁଲି ମହିମାଧର୍ମର ପ୍ରଚାର କରୁଥିଲେ ।



## ‘ମାନବ ଜାତିକୁ ନୂଆ ଦିଗ୍‌ଦର୍ଶନ ଦିଏ ମହିମାଧର୍ମ’



ମାନ୍ୟବର ମୁଖ୍ୟମନ୍ତ୍ରୀ ଏଇ କିଛିଦିନ ତଳେ ଯୋରନ୍ଦା ମହିମାଗାଦିକୁ ଆସି ମହିମାଧର୍ମ ଓ ପୀଠ ପାଇଁ କୋଟି କୋଟି ଟଙ୍କା ପ୍ରଦାନ କରିଛନ୍ତି। ଯାହା ନିଶ୍ଚୟ ଆମ ପାଇଁ ଓ ସମଗ୍ର ମାନବଜାତିକୁ ନୂଆ ଦିଗଦର୍ଶନ ଦେବା ସହ ମହିମାଧର୍ମ ପାଇଁ ବହୁତ ମହତ୍ତ୍ୱ ରଖୁଛି। ସେଥିପାଇଁ ମହିମା ସମାଜ ତରଫରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ । ■

**ବାବା ଖଗେଶ୍ୱର ଦାସ,**
ମୁଖ୍ୟ, ମହିମା ଟୁଙ୍ଗି

## ମହିମାଧର୍ମ ପ୍ରଚାରର ମୂଳ ଉଦ୍ଦେଶ୍ୟ

ମହିମାଧର୍ମ ପ୍ରଚାରର ମୂଳ ଉଦ୍ଦେଶ୍ୟ ଥିଲା, ଶିକ୍ଷାର ଅଗ୍ରଗତି ଓ ପଶୁବଳି ପ୍ରଥାର ଉଚ୍ଛେଦ। ଯାହା ବିଭିନ୍ନ ଛାନ୍ଦ, ଜଣାଣ ଓ କୀର୍ତ୍ତନ ମାଧ୍ୟମରେ ମହିମାସ୍ୱାମୀ ଏହାର ପ୍ରଚାରପ୍ରସାର କରୁଥିଲେ। ଧୀରେ ଧୀରେ ମହିମାସ୍ୱାମୀଙ୍କ ଅନୁଗାମୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ବହୁ ଭକ୍ତ ମହିମାଧର୍ମରେ ଦୀକ୍ଷିତ ହୋଇଥିଲେ। ଯାହା ଫଳରେ ମହିମା ଧର୍ମ ବସୋଇ, କଣ୍ଟାପାଳ, କୀର୍ତ୍ତନପୁର, ଜକା ଆଦି ଅଞ୍ଚଳରେ ପରିବ୍ୟାପ୍ତ ହୋଇପାରିଥିଲା। ଏହିପରି ଭାବରେ ଧୀରେ ଧୀରେ ସମଗ୍ର ଅଞ୍ଚଳରେ ମହିମା ଧର୍ମାବଲମ୍ବୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା ।

## ‘ମହିମା ସ୍ୱାମୀଙ୍କୁ ‘ମଢ଼’ ବିବେଚନା କରାଯାଉଥିଲା’

ମହିମାସ୍ୱାମୀ କାମାକ୍ଷାନଗରରେ ଏହି ଟୁଙ୍ଗି ପ୍ରତିଷ୍ଠା କରିବା ପରେ ଜକା ଗାଁରେ ଓ ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ଗାଦିକୁ ଯାଇଥିଲେ । ଏଠିକି ଆସିବା ପରେ ମହିମାସ୍ୱାମୀ ମହିମାଧର୍ମର ପ୍ରଚାରପ୍ରସାର କରାଇ ସମାଧି ନେବା ପାଇଁ ମନ ବଳାଇଥିଲେ। ଫଳରେ ସେ ନିଜ ଶରୀରକୁ ମଢ଼ (ରୁଗ୍ଣ ସ୍ୱାସ୍ଥ୍ୟ)ରେ ପରିବର୍ତ୍ତନ କରାଇଥିଲେ । ଯାହାକୁ ନେଇ ସେତେବେଳେ ଆଶ୍ରମକୁ ଆସୁଥିବା ଲୋକମାନେ ମହିମାସ୍ୱାମୀଙ୍କୁ ଦର୍ଶନ କରୁଥିଲେ ଏବଂ ସ୍ୱାମୀଙ୍କୁ ମଢ଼ ଭାବେ ବିବେଚନା କରି ଆସିଲେ । ସେତେବେଳେ ‘ମଢ଼’ ଶବ୍ଦର ଅପଭ୍ରଂଶ ହୋଇ ତାହା ଧୀରେ ଧୀରେ ‘ମଢ଼ି’ ନାଁରେ ପରିଗଣିତ ହେଲା । ସେଥିପାଇଁ କାମାକ୍ଷାନଗରକୁ ବହୁତ ବର୍ଷ ପୂର୍ବରୁ ‘ମଢ଼ି’ କୁହାଯାଏ । ■



**ବିଭୂତି ଭୂଷଣ ମହାନ୍ତି,**
ମହିମା ଧର୍ମାବଲମ୍ବୀ

## ‘ଶହ ଶହ ବର୍ଷ ତଳର ଆଶ୍ରମ’



ଆମର ଏଇ ଆଶ୍ରମ ଶହ ଶହ ବର୍ଷ ତଳର । ପୁରୁଣା ମାଟି କାନ୍ଥ ଓ ଟାଇଲ ଛପରକୁ ନେଇ ଆଶ୍ରମ ଚାଲି ଆସୁଛି । ଦିନକୁ ଦିନ ଭକ୍ତମାନଙ୍କ ଭିଡ଼ ବଢ଼ିବାରେ ଲାଗିଥିବା ଯୋଗୁ ଆଶ୍ରମ ପରିସରରେ ନୂତନ ଗୃହ ଏବଂ ସ୍ନାନାଗାରର ଆବଶ୍ୟକତା ଜରୁରି ହୋଇ ପଡ଼ିଛି । ତେଣୁ ଏହି ଐତିହାସିକ ଆଶ୍ରମର ସୁରକ୍ଷା ତଥା ନବୀକରଣ ପାଇଁ ସରକାର ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ । ■

**ଅପର୍ତ୍ତି ଦାସ,** ଭକ୍ତ

## ୧୯୮୦ରେ ନୂତନ ନିର୍ମାଣ

ମହିମାସ୍ୱାମୀଙ୍କ କାମାକ୍ଷାନଗର ପ୍ରସ୍ଥାନ ପରେ ସିଦ୍ଧ ବଡ଼ କୃପାସିନ୍ଧୁ ବାବା ମହିମା ଟୁଙ୍ଗି ପ୍ରତିଷ୍ଠା ଓ ପ୍ରଚାରପ୍ରସାର କରାଇଥିଲେ । ସେହି ସମୟରୁ ୧୯୮୦ ମସିହା ପର୍ଯ୍ୟନ୍ତ ସିଦ୍ଧ ରକ୍ଷିନାଥ ବାବାଙ୍କ ସ୍ୱଧାମ ପ୍ରସ୍ଥାନ ପର୍ଯ୍ୟନ୍ତ କାମାକ୍ଷାନଗର ମହିମା ଟୁଙ୍ଗି ସାରା ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିଲା । ତେବେ ୧୯୮୦ ମସିହାରେ ଗଜେନ୍ଦ୍ର ଦାସ ବାବା ବର୍ତ୍ତମାନର ବିଶାଳ ମହିମା ଟୁଙ୍ଗି ଓ ଆଶ୍ରମର ପରିକଳ୍ପନା କରି ପୁନଃନିର୍ମାଣ ଆରମ୍ଭ କରାଇଥିଲେ। ସେହିସମୟରୁ ପ୍ରଥମ କରି ମନ୍ଦିରରେ ନୀତିକାନ୍ତି ସହ ଉପାସନା ଆରମ୍ଭ ହୋଇଥିଲା । ୧୯୮୦ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇ ୧୯୮୪ ମସିହାରେ ଗଜେନ୍ଦ୍ର ବାବାଙ୍କ ଦ୍ୱାରା ନୂତନ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ସେବେଠାରୁ ୨୦୦୧ ମସିହା ପର୍ଯ୍ୟନ୍ତ ଗଜେନ୍ଦ୍ର ବାବା ମହିମା ମନ୍ଦିରର ମୁଖ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରି ମହିମାଧର୍ମକୁ ଆହୁରି ପରିବ୍ୟାପ୍ତ କରିଥିଲେ ।



# କନ୍ଧରା ଓ ମଧୁପୁର

# ମହିମାଧର୍ମର ଦୁଇ ସ୍ମୃତିପୀଠ

ତପନ କୁମାର ବିଶ୍ୱାଳ, ରେଢ଼ାଖୋଲ



ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରହିଛି ମହିମାଧର୍ମର ଅନେକ ଆଶ୍ରମ ଓ ସ୍ମୃତିପୀଠ । ଯେଉଁ ପୀଠ ସହିତ ଯୋଡ଼ି ହୋଇଯାଇଛି ଅନେକ ଅଭୁଲା ସ୍ମୃତି । ମହିମାଧର୍ମର ପ୍ରଚାରକ ସନ୍ଥକବି ଭୀମଭୋଇଙ୍କ ଅନେକ ସଜଳ ସ୍ମୃତି ରହିଛି ରେଢ଼ାଖୋଲ ଅନ୍ତର୍ଗତ କନ୍ଧରା ଗାଁରେ । ସେହିପରି ମଧୁପୁର ଗ୍ରାମରେ ରହିଛି ଭୀମଭୋଇଙ୍କ ପ୍ରାପ୍ତି ପୀଠ । ସନ୍ଥକବି ଭୀମଭୋଇ ଓ ମହିମାଧର୍ମର ସ୍ମୃତିବହନ କରୁଥିବା ଏହି ଦୁଇ ପୀଠକୁ ନେଇ ଏଇ ସ୍ୱତନ୍ତ୍ର ପ୍ରତିବେଦନ ।

## ଜନଶ୍ରୁତିରେ ମହିମାଧର୍ମର ଅଲୌକିକତା

ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଢ଼ାଖୋଲ ସବ୍‌ଡ଼ିଭିଜନ୍‌ର ଏକ ପବିତ୍ର ପୀଠ ହେଉଛି କନ୍ଧରା । ସନ୍ଥକବି ଭୀମଭୋଇଙ୍କ ପାଇଁ ପ୍ରସିଦ୍ଧ ଏହି ଗାଁ । ମହିମାଧର୍ମର ଜଣେ ନିଷ୍ଠାପର ପ୍ରଚାରକ ଭାବେ ସନ୍ଥ କବି ଭୀମଭୋଇ ସାରା ବିଶ୍ୱରେ ପ୍ରସିଦ୍ଧ । କନ୍ଧରା ସହିତ ଯୋଡ଼ି ହୋଇରହିଛି ସନ୍ଥକବିଙ୍କ ଜୀବନର ଅନେକ ଘଟଣା । ଜନଶ୍ରୁତି ଅନୁସାରେ ଭୀମଭୋଇ ୧୨ ବର୍ଷ ବୟସରେ କୁକୁଡ଼ାବାହାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାଙ୍କଣପଡ଼ା ଗାଁରେ ଗାଈ ଜଗିବା କାମ କରୁଥିଲେ । ଥରେ ସେ କନ୍ଧରା ଗ୍ରାମର ଏକ କୂଅରେ ପଡ଼ି ଯାଇଥିଲେ । କୂଅ ଭିତରୁ ଗ୍ରାମବାସୀ ତାଙ୍କୁ ବାହାର କରିବା ପାଇଁ ଚେଷ୍ଟା କରିଥିଲେ । ତେବେ ଭୀମଭୋଇ ଗ୍ରାମବାସୀମାନଙ୍କୁ ଉଦ୍ଧାର ପାଇଁ ବାରଣ କରିଥିଲେ । ସେ କହିଥିଲେ "ମୁଁ କାହାର ଅନିଷ୍ଟ କରିନାହିଁ । ମତେ ଯିଏ ଏ କୂଅରେ ପକାଇଛି ସେ ମୋତେ ଉଦ୍ଧାର କରିବ ।" କୂଅ ଭିତରେ ସେ ପ୍ରଭୁ ନାରାୟଣଙ୍କୁ ଆରାଧନା କରିଥିଲେ । କୂଅ ଭିତରେ ହିଁ ତାଙ୍କୁ ଜ୍ଞାନପ୍ରାପ୍ତି ହୋଇଥିଲା । ପ୍ରଭୁ ନାରାୟଣ ଯେତେବେଳେ ଉଦ୍ଧାର କରିବା ପାଇଁ ଆସିଥିଲେ, ସେତେବେଳେ ଭୀମଭୋଇ ନାରାୟଣ ପାଦ ବନ୍ଦନା କରି ପ୍ରଥମ ଗ୍ରନ୍ଥ 'ପାଦପଦ୍ମ' ରଚନା କରିଥିଲେ । ପରବର୍ତ୍ତୀ ସମୟରେ ଅନେକ କବିତା, ଭଜନ, ଜଣାଣ ଆଦି ରଚନା କରିଛନ୍ତି । ଏହି ସବୁ ଲେଖାରେ ମହିମାଧର୍ମର ବିଶେଷତ୍ୱ ପ୍ରତିଫଳିତ ହୋଇଛି ।

### ଆକର୍ଷଣର କେନ୍ଦ୍ର କୂଅ

ଏକଦା ଯେଉଁ କୂଅରେ ସନ୍ଥ କବି ଭୀମଭୋଇ ପଡ଼ିଯାଇଥିଲେ, ସେଇ କୂଅଟି ଏବେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ରେଢ଼ାଖୋଲରୁ ବୌଦ୍ଧ ଯିବା ରାସ୍ତାରେ ଏହି କୂଅଟି ରହିଛି । କନ୍ଧରାର ଏହି କୂଅର ଦକ୍ଷିଣ ପାର୍ଶ୍ୱରେ ରହିଛି ଡିମିରିବଣ । ଏହି ଡିମିରିବଣରେ ରାତିରେ ଧୁନି ଜାଳି ଭୀମଭୋଇ ଶୋଉଥିଲେ ବୋଲି ସ୍ଥାନୀୟ ଲୋକେ କହନ୍ତି । ଭୀମଭୋଇଙ୍କୁ ନେଇ ଅନେକ କଥା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳେ । ତେବେ ଏହାର ସତ୍ୟତା ଅନୁସନ୍ଧାନସାପେକ୍ଷ ।





## ମହିମାଧର୍ମର ପ୍ରଚାରକ

ମହିମା ଧର୍ମାବଲମ୍ବୀ ଗୁରୁ ଗୋବିନ୍ଦ ଦାସ ଆସି ଭୀମଭୋଇଙ୍କୁ ଶିଷ୍ୟ ରୂପେ ଗ୍ରହଣ କରିଥିଲେ । ତା'ପରେ ମହିମାଧର୍ମ ପ୍ରଚାରପ୍ରସାର ନିମନ୍ତେ ଭୀମଭୋଇଙ୍କ ଉପରେ ସମସ୍ତ ଦାୟିତ୍ୱ ଅର୍ପଣ କରିଥିଲେ । ପରେ ଭୀମଭୋଇ ଗାଁ ଗାଁ ବୁଲି ମହିମାଧର୍ମର ପ୍ରଚାରପ୍ରସାର କରିଥିଲେ । ଧୀରେ ଧୀରେ ମହିମା ଧର୍ମାବଲମ୍ବୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା । ଭୀମଭୋଇଙ୍କ ସଭାରେ ବହୁ ଲୋକ ଏକଜୁଟ ହେଉଥିଲେ । ଏଥିରେ କ୍ରୋଧିତ ହୋଇ ରେଢ଼ାଖୋଲ ରାଜା ଗୌରଚନ୍ଦ୍ର ଜେନାମଣି ଦେଓ ଭୀମଭୋଇଙ୍କୁ ଦଣ୍ଡ ଦେଇଥିଲେ । ଶେଷରେ ଭୀମଭୋଇ ରେଢ଼ାଖୋଲ ଅଞ୍ଚଳରୁ ସୋନପୁର ଅଞ୍ଚଳକୁ ଯାଇ ବସବାସ କରିଥିଲେ । ସେଠାରେ ସେ ଦେହତ୍ୟାଗ କରିଥିଲେ । ରେଢ଼ାଖୋଲରେ ମହିମା ଧର୍ମାବଲମ୍ବୀ ଭକ୍ତ ଓ ସାଧୁସନ୍ଥମାନଙ୍କ ଦ୍ୱାରା ମହିମାଧର୍ମ ସଂପର୍କିତ ପର୍ବ ପାଳନ କରାଯାଏ । ଏବେ ବି କନ୍ଧରାରେ କିଛି ମହିମା ଧର୍ମାବଲମ୍ବୀ ରୁହନ୍ତି । ସନ୍ଥ କବି ଭୀମଭୋଇଙ୍କ ଜୟନ୍ତୀ, ଶ୍ରାଦ୍ଧ ଦିବସରେ କନ୍ଧରା ଉତ୍ସବମୁଖର ହୋଇଉଠେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ କବି, ଲେଖକ କବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଏହି ପବିତ୍ର ପୀଠକୁ ଧାଇଁ ଆସନ୍ତି ।

## ରୂପାନ୍ତରିତ ହେବ ସ୍ମୃତି ପୀଠ ଓ ପ୍ରାପ୍ତି ପୀଠ

ସନ୍ଥ କବି ଭୀମଭୋଇଙ୍କ ସ୍ମୃତି ପୀଠ କନ୍ଧରା ଓ ପ୍ରାପ୍ତି ପୀଠ ମଧୁପୁରର ରୂପାନ୍ତରଣ ପାଇଁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ରେଢ଼ାଖୋଲ ଅଞ୍ଚଳର ଜନସାଧାରଣଙ୍କ ଭକ୍ତି ଓ ଶ୍ରଦ୍ଧାକୁ ସମ୍ମାନ ଦେଇ ୨୦୧୬ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଥର ୫୦ ଲକ୍ଷ ଓ ଦ୍ୱିତୀୟ ଥର ୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଏଥିରେ ସନ୍ଥକବି ଭୀମଭୋଇଙ୍କ ସ୍ମୃତି ପୀଠଠାରେ କିଛି ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲା । ଏହା ପରେ ୫ଟି ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ୨୦୨୩ ମସିହା ଜୁଲାଇ ମାସ ୧୬ ତାରିଖରେ ରେଢ଼ାଖୋଲ ଗସ୍ତରେ ଆସି ସନ୍ଥ କବି ଭୀମଭୋଇଙ୍କ ସ୍ମୃତି ପୀଠ ରୂପାନ୍ତରଣ ପାଇଁ ୧୦ କୋଟି ଆର୍ଥିକ ଅନୁଦାନ ମଞ୍ଜୁର ଘୋଷଣା କରିଥିଲେ । ସେହିପରି ଭୀମଭୋଇଙ୍କ ପ୍ରାପ୍ତି ପୀଠର ରୂପାନ୍ତରଣ ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ମଞ୍ଜୁର ଘୋଷଣା କରିଥିଲେ । କନ୍ଧରାସ୍ଥିତ ଭୀମଭୋଇଙ୍କ ସ୍ମୃତି ପୀଠରେ ମହିମା ଧର୍ମାବଲମ୍ବୀ ସାଧୁ ସନ୍ଥଙ୍କ ରହିବା ପାଇଁ ଆଶ୍ରମ, ଏକ ଅତ୍ୟାଧୁନିକ ପାର୍କ, ପର୍ଯ୍ୟଟକମାନଙ୍କ ପାଇଁ ଶୌଚାଳୟ ଓ ବାଥରୁମ, ଭୋଗ ମଣ୍ଡପ, ଭୀମଭୋଇଙ୍କ ବିରାଟ ପ୍ରତିମୂର୍ତ୍ତି, ବିଭିନ୍ନ ଦିଗରେ ଗେଟ୍ ନିର୍ମାଣ ସମେତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ।

## ମଧୁପୁର ପ୍ରାପ୍ତି ପୀଠର ଉନ୍ନତିକରଣ

ସେହିପରି ମଧୁପୁରସ୍ଥିତ ଭୀମଭୋଇଙ୍କ ପ୍ରାପ୍ତି ପୀଠ ଉନ୍ନତିକରଣ ପାଇଁ ଚାରି ଦିଗରେ ପାଚେରି ନିର୍ମାଣ, ସାଧୁସନ୍ଥଙ୍କ ରହିବା ପାଇଁ ଆଶ୍ରମ ନିର୍ମାଣ, ଭୀମଭୋଇଙ୍କ ପ୍ରତିମୂର୍ତ୍ତି ନିର୍ମାଣ, ମଧୁପୁର ପ୍ରାପ୍ତି ପୀଠକୁ ପ୍ରବେଶ ଦ୍ୱାରରେ ଏକ ବିରାଟ ଗେଟ୍ ନିର୍ମାଣ ସମେତ ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ କରାଯିବ । ଏହି ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ■

# ମୁକ୍ତିମାର୍ଗର ପଥ ଅଲେଖ ମହିମା ଉପାସନା

କ୍ଷୀରସିନ୍ଧୁ ମହାନ୍ତି, ବ୍ରହ୍ମପୁର



'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ସନ୍ଥ କବି ଭୀମଭୋଇଙ୍କ ଏହି ବାଣୀ ମହିମା ଧର୍ମର ଉପାସନାର ପୀଠସ୍ଥଳରେ ଆଜି ବି ଦୃଶ୍ୟମାନ । ଏହି ବିଚାରଧାରାରେ ଚାଲିଥିବା ଧର୍ମର ଗାଥା ସର୍ବବିଦିତ । ସର୍ବ ଧର୍ମ ସମନ୍ୱୟର ପ୍ରତୀକ ଓଡ଼ିଶା । ଏଠାରେ ଅନେକ ଧର୍ମାବଲମ୍ବୀ ରହିଛନ୍ତି । ପ୍ରତ୍ୟେକ ଧର୍ମର ସ୍ୱତନ୍ତ୍ର ପରମ୍ପରା ଓ ରୀତିନୀତି ମଧ୍ୟ ରହିଛି । ସବୁକୁ ଆଦରି ନେଇଥିବା ମହାନ ମାଟି ଓଡ଼ିଶାର କିମ୍ବଦନ୍ତୀରେ ବି ସବୁ ଧର୍ମର ସ୍ୱତନ୍ତ୍ର ଛାପ ଦେଖିବାକୁ ମିଳେ । ତନ୍ମଧ୍ୟରୁ ମହିମା ଅଲେଖ ଧର୍ମ ଅନ୍ୟତମ । ଏହି ଧର୍ମର ସାଧନା ବେଶ ଜଟିଳ ହୋଇଥିଲେ ହେଁ ଏହା ପ୍ରତି ଶ୍ରଦ୍ଧାଳୁଙ୍କ ଆତୁରତା ମଧ୍ୟ ଅଧିକ ଥିବା ମନେ ହୁଏ । ଗଞ୍ଜାମର ଜିଲ୍ଲାର ସର୍ବପୁରାତନ ଅଲେଖ ମହିମା ଆଶ୍ରମକୁ ନେଇ ଏଇ ସ୍ୱତନ୍ତ୍ର ପ୍ରତିବେଦନ ।

## ଗଞ୍ଜାମର ସର୍ବ ପ୍ରାଚୀନ ମହିମା ପୀଠ

ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଅଲେଖ ମହିମାଙ୍କ ଆଶ୍ରମ ରହିଛି । ଏମାନଙ୍କ ମଧ୍ୟରୁ ଆମ୍ବପୁଆ- ପଲ୍ଲୀଗୁମୁଲା ପାହାଡ଼ ପାଦଦେଶରେ ଥିବା ମହିମା ପୀଠ ଅନ୍ୟତମ । କାରଣ ଏହା ଜିଲ୍ଲାର ସର୍ବପୁରାତନ ମହିମା ପୀଠ । ଏହି ପୀଠକୁ ନେଇ ରହିଛି ଅନେକ କିମ୍ବଦନ୍ତୀ । ୧୮୯୨ ମସିହାରେ ଏଠାରେ ଅଲେଖ ମହାପ୍ରଭୁଙ୍କ ଜ୍ୟୋତି ମନ୍ଦିର ଚୌଷଠି ସିଦ୍ଧ ଘାସିରାମ ବାବାଙ୍କ କରକମଳରେ ପ୍ରତିଷ୍ଠା ହୋଇଥିଲା । ୧୮୯୫ ମସିହାରେ ମନ୍ଦିର ନିର୍ମାଣ ହୋଇଥିଲା । ତେବେ ୧୮୯୮ ମସିହାରେ ଏହାର ପୁନଃଉଦ୍ଧାର ଓ ପ୍ରତିଷ୍ଠା କରାଯାଇଥିଲା । ଏହା ଅଲେଖ ମହିମାଙ୍କ ଅଖଣ୍ଡ ଜ୍ୟୋତି ମନ୍ଦିର ଭାବେ ପରିଚିତ । ଏଠାକାର କୋଣଅନୁକୋଣରେ 'ଜାଗିଛନ୍ତି ବ୍ରହ୍ମ ଅଗ୍ନି ଅଲେଖ କୁଣ୍ଡେ, ଧାପ ଦେଉଛନ୍ତି ଏକୋଇଶ ବ୍ରହ୍ମାଣ୍ଡେ' ଲେଖା ଦେଖିବାକୁ ମିଳେ ।



## ଦୁଇ ହଜାରରୁ ଅଧିକ ମହିମା ଶ୍ରଦ୍ଧାଳୁ

ଏହି ମନ୍ଦିର ଅଧୀନରେ ୨ ହଜାରରୁ ଊର୍ଦ୍ଧ୍ୱ ମହିମା ଧର୍ମର ଶ୍ରଦ୍ଧାଳୁ ରହିଛନ୍ତି । ଏମାନେ ବିଭିନ୍ନ ସମୟରେ ଆସି ପୂଜାର୍ଚ୍ଚନା ସହିତ ଅଲେଖ ଧର୍ମର ନୀତିକାନ୍ତି ପାଳନ କରିଥାନ୍ତି । ମନ୍ଦିରରେ ସମ୍ପ୍ରତି ପ୍ରତିଦିନ ୫ରୁ ୬ଜଣ ପରିବ୍ରାଜକ ସନ୍ନ୍ୟାସୀ ରହୁଥିବା ଜଣାଯାଏ । ସାଧୁମାନେ ନିଷ୍ଠାର ସହ ଚଳିଥାନ୍ତି । ପ୍ରତି ଘରେ ଥରେ ରହିବା ସହ ଥରେ ହିଁ ଭିକ୍ଷା କରିଥାନ୍ତି ବୋଲି ବାବା ପ୍ରେମାନନ୍ଦ ଦାସ କହିଛନ୍ତି । ଏମାନେ ସୂର୍ଯ୍ୟାସ୍ତ ପୂର୍ବରୁ ଭକ୍ଷଣ କରିଥାନ୍ତି ।





## ଅଖଣ୍ଡ ଜ୍ୟୋତି


ଆମ୍ବପୁଆ- ପଲ୍ଲୀଗୁମୁଲା ପାହାଡ଼ ପାଦଦେଶରେ ଅବସ୍ଥିତ ମହିମା ଅଲେଖ ମନ୍ଦିରର ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାବିଧି ରହିଛି । ଅଲେଖ ମହାପ୍ରଭୁଙ୍କ ଏହି ଜ୍ୟୋତି ମନ୍ଦିରରେ ଅଖଣ୍ଡ ଘୃତବତି ସର୍ବଦା ପ୍ରଜ୍ୱଳନ ହୋଇରହିଛି । ପ୍ରାତଃ-ମଧ୍ୟାହ୍ନ- ସନ୍ଧ୍ୟା ତ୍ରିକାଳରେ ଜୀବଜଗତର ମଙ୍ଗଳ ନିମିତ୍ତ ଅଖଣ୍ଡ ଜ୍ୟୋତିରେ ଶୁଦ୍ଧଘୃତ ଆହୁତି ପ୍ରଦାନ କରାଯାଉଛି । ସେହିଭଳି ପ୍ରତ୍ୟେକ ମାସର ପୂର୍ଣ୍ଣିମା ସନ୍ଧ୍ୟାରେ ରାତ୍ର ଉଜାଗର ରହି ପ୍ରଭୁନାମ ଭଜନ ସମାରୋହ ହୋଇଥାଏ । ତା' ପରଦିନ ପ୍ରାତଃକାଳରେ ଅମଣିଆ ଦ୍ରବ୍ୟ ଅଲେଖ ମହାପ୍ରଭୁଙ୍କ ଅର୍ପଣ କରାଯାଇ ବାଲ୍ୟଲୀଳା ପ୍ରସାଦ ବିତରଣ ହୁଏ । ପ୍ରତିଦିନ ଏଠାରେ ଅଖଣ୍ଡ ଘୃତ ବତି ପ୍ରଜ୍ୱଳିତ ହେଉଛି । ଦିନକୁ ତିନିଥର ବତି ପୂଜା ପାଉଛି । ଏଥିସହ ଅଖଣ୍ଡ ଜ୍ୟୋତି ଲାଗି ରହିଛି । ବାର୍ଷିକ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଓ ଭାଦ୍ରବ ଶୁକ୍ଳ ଦଶମୀ ଦିନ ଏଠାରେ ବାଲ୍ୟଲୀଳା, ଅଖଣ୍ଡ ବ୍ରହ୍ମଧୁନି, ଘୃତ ବତି ଜଳି ଥାଏ । ଏହି ସମୟରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ନିମନ୍ତେ ଏହି ପୀଠକୁ ଛୁଟି ଆସନ୍ତି ।



## ଶତାଧିକ ମହିମା ଆଶ୍ରମ

ଗଞ୍ଜାମ ଜିଲ୍ଲାରେ ୧୦୦ରୁ ଊର୍ଦ୍ଧ୍ୱ ଅଲେଖ ଧର୍ମର ପୀଠ ବା ଆଶ୍ରମ ରହିଛି । ସେହିଭଳି ବ୍ରହ୍ମପୁର ସହରରେ ମଧ୍ୟ ୧୫ରୁ ଊର୍ଦ୍ଧ୍ୱ ଆଶ୍ରମ ବିଦ୍ୟମାନ । ଗଞ୍ଜାମ ଜିଲ୍ଲାରେ ପରିବ୍ରାଜକ ସନ୍ଥଙ୍କ ସଂଖ୍ୟା କମ୍ ଥିଲେ ହେଁ ଅଲେଖ ଧର୍ମର ଶ୍ରଦ୍ଧାଳୁଙ୍କ ସଂଖ୍ୟା ୨୦ ହଜାରରୁ ଊର୍ଦ୍ଧ୍ୱ ଥିବା ସୂଚନା ମିଳିଛି । ତେବେ ସାମ୍ପ୍ରତିକ ସ୍ଥିତିରେ ଆଧ୍ୟାତ୍ମିକତା ଓ ସାଧୁସନ୍ଥ ରାସ୍ତା ଆପଣାଇବାରେ ଲୋକଙ୍କ ଆଗ୍ରହ କମିଛି । ତଥାପି ଅଲେଖ ଧର୍ମର ଗୁରୁ ଶିଷ୍ୟ ପରମ୍ପରା ଆଜି ବି ଗାଁ ଗାଁରେ ଦେଖିବାକୁ ମିଳେ । ଅନୁରୂପ ଭାବେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଏହି ମନ୍ଦିରର ଉନ୍ନତି ସାଧିତ ହୋଇଛି । ୨୦୦୯ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଏଠାରେ ଭୀମ ଭୋଇ ପାଠାଗାର ନିର୍ମାଣ ହୋଇଛି । ସମ୍ପ୍ରତି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଆନୁକୂଲ୍ୟରେ ଏଠାକୁ ସ୍ୱତନ୍ତ୍ର ସହାୟତା ମିଳିଛି । ଫଳରେ ଏହି ମନ୍ଦିର ଆହୁରି ବିକାଶ ହୋଇପାରିବ ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି । ଏହି ମନ୍ଦିର ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ । ପ୍ରତିଦିନ ଶିକ୍ଷାବିତ୍, ଛାତ୍ରଛାତ୍ରୀଙ୍କ ଭିଡ଼ ଏଠାରେ ଦେଖିବାକୁ ମିଳିଥାଏ । ■





# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## କଛା ଭିଡ଼ିଲେଣି ଜେନାମଣି

ଓଡ଼ିଶା ହାତ ଦଳର ପୂର୍ବ ପ୍ରଭାରୀମାନେ ପୁତୁଲ ପ୍ରଭାବରେ ପ୍ରଭାବିତ ହୋଇ ଜେନାମଣିଙ୍କୁ କୋଣଠେସା କରୁଥିବାବେଳେ ନୂଆ ପ୍ରଭାରୀ ଅଜୟକୁମାର କୁଆଡ଼େ ଭିନ୍ନ ଆଭିମୁଖ୍ୟ ପୋଷଣ କରୁଛନ୍ତି । ସେଥିପାଇଁ ସୂର୍ଯ୍ୟନଗର ଜେନାମଣି ଶ୍ରୀକାନ୍ତ ଏବେ ଭାରି ଉତ୍ସାହିତ । ଓଡ଼ିଶା ହାତ ପ୍ରଭାରୀ ଅଜୟକୁମାରଙ୍କ ସହ କୁଆଡ଼େ ତାଙ୍କର କଥାବାର୍ତ୍ତା ସରିଛି ଓ ଯେ କୌଣସି ମୁହୂର୍ତ୍ତରେ ତାଙ୍କର ଲେଉଟାଣି ହୋଇପାରେ ବୋଲି ତାଙ୍କ ସମର୍ଥକମାନେ ପ୍ରଚାର କରିବା ଆରମ୍ଭ କରିଛନ୍ତି । ଏପରିକି ଜେନାମଣିଙ୍କ ପୁରୁଣା ରାଜନୈତିକ ସତୀର୍ଥ ବିଜୟ ବି କୁଆଡ଼େ ହାତ ଧରିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ମାତ୍ର ଏଥିରେ କେତେ ସତ ଅଛି ଓ ଜେନାମଣି କେତେଦିନ ହାତ ପାର୍ଟିରେ ରହିବେ ତାହା ବି ଆମକୁ ଜଣାନାହିଁ । ବିଜୁଙ୍କ ଛାୟାରୁ ବାହାରି ଅବୁଝା ପୁଅ ଜେନାମଣି କେନ୍ଦ୍ରରେ ସାର ବିଭାଗ ମନ୍ତ୍ରୀ ହୋଇଥିଲେ । ବାଲେଶ୍ୱରରେ ଢ଼େର କାମଦାମ କରିଥିଲେ ବୋଲି ଶୁଣାଯାଉଥିଲା, ହେଲେ ଲୋକ ଚାହିଁଲେ ନାହିଁ । ସେଥିପାଇଁ ୨୦୧୪ରେ ଆସନ ଗଲା । ପଟ୍ଟନାୟକ ପରିବାର ବିରୋଧରେ 'ଧନପଶୁ' ଅଭିଯାନ ଯୋଗୁଁ ଦଳରୁ ବି ତଡ଼ା ଖାଇଲେ । ଏବେ ଢ଼େର ଦିନ ହେଲା ଜେନାମଣି ଘରେ ବସି ଖାଲି ପାନଖିଆ ଦାନ୍ତ ଖୁଣ୍ଟୁଛନ୍ତି ଆଉ ଟିଭି ଦେଖୁଛନ୍ତି । ମାତ୍ର ଏବେ ପୁଣି ସେ ମାଷ୍ଟରକ୍ୟାଣ୍ଟିନ ମଠକୁ ଫେରିବାକୁ ପାଇକଛା ଭିଡ଼ି ପ୍ରସ୍ତୁତ ହେଲେଣି । ଖାଲି ଜେନାମଣି କାହିଁକି, ଯେତେସବୁ ପୁରୁଣା କଂଗ୍ରେସିଆ ଅନ୍ୟଦଳର ଦାଣ୍ଡବାରଣ୍ଡାରେ ପଡ଼ିଛନ୍ତି ସମସ୍ତଙ୍କୁ ଦଳକୁ ଫେରାଇ ଆଣାଯିବାକୁ କୁଆଡ଼େ ହାତ ପାର୍ଟିର ଦେଶ ମୁଖିଆ ଖଡ୍‌ଗେ ପ୍ରସ୍ତାବ ଦେଇଛନ୍ତି । ଆଉ ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ଅଜୟକୁମାରଙ୍କୁ ଦିଆଯାଇଛି । ଏ କଥା ଯେବେଠାରୁ ଶୁଣିଲେଣି ସେବେଠାରୁ ଜେନାମଣି ପାଇକଛା ଭିଡ଼ି ପୁରା ପ୍ରସ୍ତୁତ । ■



## ଫଗୁଣ ପୂର୍ବରୁ ବସନ୍ତ ଉଭାନ

ଫଗୁଣ ଆସିବ ଆସିବ ହେଉଛି, ହେଲେ ବସନ୍ତଙ୍କ ଦେଖା ନାହିଁ । ପଦ୍ମ ଦଳର ଏହି ପୁରୁଖା ନେତା ଏବେ କୁଆଡ଼େ କଳାହାଣ୍ଡିରୁ ଉଭାନ ହୋଇ ଯାଇଛନ୍ତି । ଏ କଥା ଆମେ କହୁନାହୁଁ, ତାଙ୍କରି ଦଳର କିଛି ନେତା ଓ ନେତ୍ରୀ ଦିଲ୍ଲୀରେ ଯାଇ ଏମିତି ଫେରାଦ ହୋଇଥିବା ଖବର ପହଞ୍ଚିଛି । ଆଉ ଏହି ଫେରାଦୀ ନେତାଙ୍କ ସୂଚୀରେ ଏକନମ୍ବରରେ ଅଛନ୍ତି ସାଂସଦ ଷଡ଼ଙ୍ଗୀଙ୍କ ଘନିଷ୍ଠ ଅନୁଗତ । ବସନ୍ତଙ୍କ ସ୍ଥାନରେ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଷଡ଼ଙ୍ଗୀ ସାଂସଦ ଓ ତାଙ୍କ ଶିଷ୍ୟା ସବୁ କଳ-ବଳ-କୌଶଳ ଲଗାଇ ଦେଇଛନ୍ତି । ରାଜ୍ୟରେ ପଦ୍ମ ଦଳିଆ ଗେରୁଆ ନେତା କହିଲେ ଅନେକ ରାମମନ୍ଦିର ଆଖଡ଼ାର ପୁରୁଣା ଶିରୋମଣି ବସନ୍ତ ପଣ୍ଡାଙ୍କୁ ବୁଝନ୍ତି । ଅନ୍ୟ ନେତାଙ୍କ ପରି ବସନ୍ତ ବେଶୀ କଥା କହନ୍ତି ନାହିଁ; ଯାହା କହନ୍ତି ଶୁଦ୍ଧ ଭାବରେ କହନ୍ତି । ଏକ ସମୟରେ ଆଖଡ଼ାର ପୁରୁଣା ଅଫିସରେ ଭାତ -ଡ଼ାଲମା ଖାଇ ଦିନରାତି ବସି ରହୁଥିବା ବସନ୍ତ ଆଜିକାଲି ଆଖଡ଼ାରେ ଅଦୃଶ୍ୟ । କେଇମାସ ତଳେ ଥରେ ପାର୍ଲାମେଣ୍ଟ ଲବିରେ ବସନ୍ତଙ୍କ ଥକ୍କାମରା ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବା ଦେଖିଥିଲୁ, ମାତ୍ର ତା' ପରେ ଆଉ ବସନ୍ତଙ୍କ ପତ୍ତା ନାହିଁ । କଳାହାଣ୍ଡିରେ କରୋନାରେ ଲୋକମାନେ କଲବଲ ହେଲେ, ଛତିଶଗଡ଼ିଆ କୋଭିଡ଼ ଭୂତାଣୁ ଜିଲା ସାରା ଲୋକଙ୍କୁ ବାଇଆ କରିଦେଲା । ହେଲେ ଦିନଟିଏ ବି ବସନ୍ତଙ୍କୁ ଦେଖିବାକୁ ମିଳିଲା ନାହିଁ । ଲୋକଙ୍କ ଭଲମନ୍ଦରେ ଠିଆ ହୋଇଥିବା ଜଣେ ବି କହିଲେ ନାହିଁ । ଆଉ ଆଜିକାଲି କଳାହାଣ୍ଡିର ଲୋକମାନେ ବସନ୍ତଙ୍କୁ କଳାହାଣ୍ଡିଆ ଲୋକମାନେ ଖୋଜିଲେ ବି ପାଉ ନାହାନ୍ତି ବୋଲି ତାଙ୍କ ବିରୋଧୀମାନେ ପ୍ରଚାର ଚଳାଇଛନ୍ତି । ଏ ଅଭିଯୋଗ ସତ କି ମିଛ ତାହା କେବଳ ବସନ୍ତ ହିଁ କହିପାରିବେ । ମାତ୍ର ତାଙ୍କ ଦେଖା ମିଳୁଛି କେଉଁଠି ? ■



## ଆପଣା ହସ୍ତେ ଜିହ୍ୱା ଛେଦି

ମନ୍ତ୍ରୀ ପଦ ମିଳିବା ପରଠାରୁ ଇସ୍ପାତ ନଗରୀର ନେତା ସାରଦା ଭାରି ଉଲ୍ଲସିତ । ଦୀର୍ଘଦିନ ଧରି ସେ ଯେଉଁ ସୁଯୋଗର ଅପେକ୍ଷାରେ ଥିଲେ, ସେହି ସୁଯୋଗ ତାଙ୍କୁ ମିଳିଛି । ଆଉ ଏହ ସୁଯୋଗରେ ନିଜଦଳରେ ଥିବା ପ୍ରତିଦ୍ୱନ୍ଦ୍ୱୀ ଓ ଗଜା ମାରୁଥିବା ଟୋକା ନେତାଙ୍କ ଗୋଛି କାଟିବାକୁ କୁଆଡ଼େ ଟାଙ୍ଗିଆ ସଜିଲ କରି ବସିଛନ୍ତି । ପ୍ରଥମ ପର୍ଯ୍ୟାୟରେ ନିଜ ଦଳର ଜଣେ ଟାଣୁଆ ଯୁବ ନେତାଙ୍କୁ ବଳି ଦେବାରେ ବି ସଫଳ ହୋଇଛନ୍ତି । ଏବେ କୁଆଡ଼େ ସିଏ ଆଉ ଦି'ଟା ବଡ଼ମୁଣ୍ଡିଆଙ୍କ ବେକରେ ଟାଙ୍ଗିଆ ମାଡ଼ କରିବାକୁ ଟାଙ୍ଗିଆ ପଜାଇବା ଆରମ୍ଭ କରିଛନ୍ତି । ଅନ୍ୟପକ୍ଷରେ ଗତ ନିର୍ବାଚନ ପୂର୍ବରୁ ରଘୁନାଥପାଲି ଅଞ୍ଚଳରେ ଶଙ୍ଖ ଦଳକୁ ହରାଇବାକୁ ପୂରା ପ୍ରଯତ୍ନ କରିଥିବା ଜଣେ ଦଳତ୍ୟାଗୀ ଘନିଷ୍ଠ ଅନୁଗତଙ୍କୁ ଆଗାମୀ ଦିନରେ ଦଳୀୟ ଟିକେଟ ଆଣି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ବାସନ୍ତୀ କଲୋନୀରୁ ଛେଣ୍ଡ ପର୍ଯ୍ୟନ୍ତ ଭାରି ଚର୍ଚ୍ଚା । ଏମିତି ତ ଇସ୍ପାତ ନଗରୀରେ ସାରଦାଙ୍କ ପ୍ରତିଦ୍ୱନ୍ଦ୍ୱୀ ନେତାଙ୍କ ସଂଖ୍ୟା ଡ଼ଜନେରୁ ଅଧିକ । ସଙ୍ଗଠନ ସହ ଲୋକସମ୍ପର୍କ ଦୃଷ୍ଟିରୁ ସାରଦାଙ୍କଠାରୁ କିଛି ନେତା ଢ଼େର ଆଗରେ । ତଥାପି ସାରଦା କୁଆଡ଼େ ଚେତୁ ନାହାନ୍ତି । ଚର୍ଚ୍ଚାର ପରିଧିରେ ରହିବାକୁ ଡାକ୍ତରଖାନାରେ ରୋଗୀଙ୍କୁ ଇଞ୍ଜେକ୍ସନ, ନୃତ୍ୟ ଉତ୍ସବରେ ନୋଟ ଉଡ଼ାଉଛନ୍ତି । ମାତ୍ର ତାଙ୍କ ଦୈନନ୍ଦିନ ଜୀବନ ଯାତ୍ରା, କାର୍ଯ୍ୟକ୍ରମର ପୁରା ଧାରା ବିବରଣୀ ଏରୋଡ୍ରମ ଅଞ୍ଚଳରେ ଅବିକଳ ପ୍ରସାରିତ ହେଉଛି ସେ କଥା ସାରଦା ଜାଣନ୍ତି କି ନାହିଁ ଆମକୁ ଜଣାନାହିଁ । ନିଜ ହାତରେ ନିଜ ଜିଭ କାଟିବାରେ ଲାଗି ପଡ଼ିଥିବା ସାରଦାଙ୍କ ଏପରି କାର୍ଯ୍ୟ ପାଇଁ ତାଙ୍କର କିଛି ଘନିଷ୍ଠ ସମର୍ଥକ ଭାରି ଅସୁଖୀ । ଏହି ସୁଖ-ଅସୁଖର ସମାନ୍ତରାଳ ରେଖା ମଧ୍ୟରେ ରଶ୍ମୀ ବା ହାତ ଦଳିଆ କେହି ନେତାଙ୍କୁ ଯଦି 'ରାୟ'ଙ୍କ ସମର୍ଥନ ମିଳେ, ତା ହେଲେ ? ■



## ପରାକ୍ରମ ଦେଖାଇବେ ମୋକିମ୍

ଦଳକୁ ପୁନଃ ପ୍ରତ୍ୟାବର୍ତ୍ତନ କରିବା ପରେ ମାଷ୍ଟରକ୍ୟାଣ୍ଟିନ ମଠର ତଥାକଥିତ ଅବାଧ ଓ ଅବୋଧ ଶିଷ୍ୟ ମହମ୍ମଦ ମୋକିମ୍ ଏବେ ଭାରି ଉତ୍ସାହିତ । ଆଗାମୀ ଦିନରେ ଦଳ ତାଙ୍କ ପରାକ୍ରମ ଦେଖିବ ବୋଲି ତାଙ୍କର ଘନିଷ୍ଠ ଅନୁଗତମାନେ ଏବେ ପ୍ରଚାର ଆରମ୍ଭ କରି ଦେଲେଣି । ସୌଭାଗ୍ୟ ହେଉ ବା ଦୁର୍ଭାଗ୍ୟ, ହାତ ଶିରିପାରୁ ବଞ୍ଚିତ ମୋକିମ୍ ତାଙ୍କ ଦଳର ମହନ୍ତଙ୍କଠାରୁ ବେଶ୍ ଚର୍ଚ୍ଚାରେ ଥିଲେ । ଯେଉଁଥିପାଇଁ ଚିରଞ୍ଜିବଙ୍କ ସହ ତାଙ୍କର ପକ୍ଷଚ୍ଛେଦନ କରାଗଲା । 'ଜାନକୀ-ବସନ୍ତ' କାର୍ଯ୍ୟକ୍ରମ ତ କେବଳ ବାହାନା ଥିଲା । ଅବଶ୍ୟ ବାହାନାରେ ପକ୍ଷ ଛେଦନ କରି ତାଙ୍କ ରାଜନୈତିକ ଜୀବନରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା, ତାହା ସଫଳ ହେଲା ନାହିଁ । ଯେଉଁମାନେ ତାଙ୍କୁ ଦଳରୁ ବାହାରି କରିବାକୁ ଲାଗି ପଡ଼ିଥିଲେ, ଶେଷରେ ସେଇମାନେ ତାଙ୍କୁ ଦଳକୁ ଫେରାଇ ଆଣିବାକୁ ବାଧ ହେଲେ । ଯେଉଁଥିପାଇଁ ମୋକିମ୍ ଆଉ ତାଙ୍କ ସମର୍ଥକ ଏବେ ଭାରି ଉତ୍ସାହିତ । ଏପରିକି ସୋମବାର ରାଜଧାନୀରେ ସମ୍ଭାବ୍ୟ ସମାବେଶକୁ ସଫଳ କରିବାକୁ ମୋକିମ୍ କୁଆଡ଼େ ପୁରା ଦମ୍‌ରେ ଲାଗି ପଡ଼ିଛନ୍ତି । ଖଡ୍‌ଗେଙ୍କ ଓଡ଼ିଶା ଗସ୍ତ କାଳରେ ମୋକିମ୍‌ଙ୍କ କଟକୀ ବାହିନୀ ତାଙ୍କର ପରାକ୍ରମ ଦେଖାଇ ରାଜଧାନୀ ପରିକ୍ରମା କରିବେ ବୋଲି ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଖାଲି ଖଡ୍‌ଗେଙ୍କ ଆଗମନ ନୁହେଁ, ରାହୁଲଙ୍କ ପଦଯାତ୍ରା ଓ ପ୍ରିୟଙ୍କାଙ୍କ ସମାବେଶ ଆୟୋଜନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବି କୁଆଡ଼େ ମୋକିମ୍‌ଙ୍କ ଉପରେ ନ୍ୟସ୍ତ କରାଯିବା ବୋଲି ବି ଫୁସୁରୁଫାସୁରୁ ଚାଲିଛି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।